Bhubaneswar- 9 July 2026
ଭୁବନେଶ୍ୱର- ୯ ଜୁଲାଇ ୨୦୨୬
Vol- 1 Issue - 73
ଭାଗ- ୧ ସଂଖ୍ୟା- ୭୩
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

### ଦାଦନ ଟ୍ରାଜେଡିରେ ରୋକ୍ ଲଗାଇବାକୁ ଉଦ୍ୟମ

## ନିଜ ଜିଲ୍ଲାରେ ରୋଜଗାର ଦେବେ ସରକାର

- ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ
- ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରାଯିବ
- ଦାଦନ ଦଲାଲଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର:** ଜୁଆଙ୍ଗ ଯାତନା। ଦାଦନର ଦୁଃଖ। ଅଘଟଣ ଘଟୁଛି, ଜୀବନ ଯାଉଛି। ରୋଜଗାର ପାଇଁ ଭିଟା ମାଟି ଛାଡ଼ି ବିଦେଶ ମାଟିକୁ ଯାଉଛି ଦାଦନ ଖଟିବାକୁ। ହେଲେ କେତେବେଳେ ଶୋଷଣର ଶିକାର ତ ଆଉ କେତେବେଳେ ମୃତ୍ୟୁର ଫାଶରେ ପଡୁଛି। ଆଶ୍ଚର୍ଯ୍ୟର କଥା ହେଲା ସାରା ରାଜ୍ୟରେ ଦାଦନ ଶ୍ରମିକ ପାଇଁ ଏକ ବଡ଼ ରାକେଟ୍ କାମ କରୁଛି। ନିକଟରେ ତାମିଲନାଡୁ ଚିଙ୍ଗୁଡି ଫାକ୍ଟ୍ରିରେ ଘଟିଥିବା ଆମୋନିଆ ଗ୍ୟାସ ଅଘଟଣରେ କେନ୍ଦୁଝରର ଜୁଆଙ୍ଗ ସମ୍ପ୍ରଦାୟର ୧୫ ଜଣଙ୍କ ପ୍ରାଣହାନୀ ଘଟିଛି। ମୃତ୍ୟୁ ପରେ ସାମ୍ନାକୁ ଆସିଥିବା ସାଂଘାତିକ ତଥ୍ୟ କହୁଛି, ଏମାନଙ୍କ ଭିତରୁ କିଛି ଜଣଙ୍କ ଆଧାର କାର୍ଡକୁ ଟ୍ୟାଂପରିଂ କରି ଦାଦନ ଶ୍ରମିକ ଭାବେ ପଠାଯାଇଥିଲା। ଖାଲି କେନ୍ଦୁଝର କାହିଁକି ରାଜ୍ୟର ଅଧିକାଂଶ ଜିଲ୍ଲାରେ ଦାଦନ ସମସ୍ୟା ବଡ଼ ଉକ୍ଟ। ନିରୀହ ଶ୍ରେଣୀର ଲୋକଙ୍କୁ ଲୋଭ ଦେଖାଇ ଦଲାଲ କେତେବେଳେ ତାମିଲନାଡୁ ତ ଆଉ କେତେବେଳେ ସୁରତ ଭଳି ସ୍ଥାନକୁ ଚାଲାଣ କରିଥାଏ। ଆଉ ବାହାର ରାଜ୍ୟରେ କେତେବେଳେ ଜୀବନ ଯାଉଛି ତ ଆଉ କେତେବେଳେ ପତ୍ତା ହଜିଯାଉଛି। ସେପଟେ ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ପରେ ଆକ୍ସନମୋଡ୍‌ରେ ସରକାର। ଶ୍ରମମନ୍ତ୍ରୀଙ୍କ କଡ଼ା ଚେତାବନୀ। ଲୋଭ ଦେଖାଇ ନାବାଳିକା ଓ ଶ୍ରମିକଙ୍କୁ ବାହାର ରାଜ୍ୟକୁ ପଠାଇଲେ ଆଉ ନିସ୍ତାର ନାହିଁ। ବିନା ପଞ୍ଜୀକରଣରେ ଶ୍ରମିକ ପଠାଉଥିବା ଦଲାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଯେଉଁଥିପାଇଁ ଦାଦନ ଦଲାଲଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି ଶ୍ରମ ବିଭାଗ। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଶ୍ରମ ବିଭାଗ ଦେଇଛି କଡ଼ା ନିର୍ଦ୍ଦେଶ। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ। କିଏ, କେଉଁଠି ଏବଂ କେଉଁ ପରିସ୍ଥିତିରେ କାମ କରୁଛି ସବୁ ଉପରେ ରହିବ ସରକାରଙ୍କ ନଜର। ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫେରାଇ ଆଣି କାର୍ଯ୍ୟଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାର ଦେବାକୁ ବିଭାଗ ଯୋଜନା କରିଛି। ଏହାସହ ଦାଦନ ସମସ୍ୟା ପାଇଁ ବ୍ୟାପକ ଗ୍ରାଉଣ୍ଡ ସର୍ଭେ ମଧ ହେବ। ବିଡିଓମାନଙ୍କୁ ଦିଆଯାଇଛି ସ୍ୱତନ୍ତ୍ର ସର୍ଭେ ଫର୍ମ, ଯେଉଁଥିରେ ଆରମ୍ଭ ହେବ ତଥ୍ୟ ସଂଗ୍ରହ ଅଭିଯାନ। ବିଧାନସଭା ତଥ୍ୟ କହୁଛି ବଲାଙ୍ଗୀରରୁ ସର୍ବାଧିକ ପ୍ରାୟ ୫୦ ହଜାର ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ସେହିପରି ଗତ ତିନି ବର୍ଷ ଭିତରେ ୨୬୨ ଜଣ ଦାଦନ ଶ୍ରମିକଙ୍କ ବିଭିନ୍ନ ରାଜ୍ୟରେ ମୃତ୍ୟୁ ଘଟିଛି। ଏବେ ଦେଖିବାର କଥା ତାମିଲନାଡୁ ଘଟଣା ପରେ ସରକାରଙ୍କ ଦାଦନ ଚିହ୍ନଟ ପ୍ରକ୍ରିୟା କେତେ ସୁରକ୍ଷା ଯୋଗାଉଛି।

### ହୀରାକୁଦରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

## ଅଣମୌସୁମୀ ଜଳ ବିବାଦ ପ୍ରଶ୍ନରେ ଚୁପ୍ ରହିଲେ ଛତିଶଗଡ଼ ଅଧିକାରୀ

**ବୁର୍ଲା :** ହୀରାକୁଦ ଅଶୋକ ନିବାସଠାରେ ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ। ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ବାର୍ଷିକ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ ବିସ୍ତୃତ ଭାବେ ଆଲୋଚନା। ବୈଠକରେ ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ସମେତ ସମେତ ଛତିଶଗଡ଼ର ବହୁ ପ୍ରତିନିଧି ଓ ବୈଷୟିକ ଅଧିକାରୀ ଉପସ୍ଥିତ। ହୀରାକୁଦ ଅଶୋକ ନିବାସ ରେ ବନ୍ୟା ଜଳ ପରିଚାଳନକୁ ନେଇ ଗୁରୁତ୍ୱପୂର୍ଣ ବୈଠକ। ବୈଠକରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସମେତ ଛତିଶଗଡ ଓ ଓଡ଼ିଶାର ଯନ୍ତ୍ରୀ ମାନେ ଉପସ୍ଥିତ। ମହାନଦୀ ବେସିନକୁ ମୋଟ ତିନୋଟି ବୃହତ ଭାଗରେ ବିଭକ୍ତ କରାଯାଇ ବନ୍ୟା ନିୟନ୍ତ୍ରଣର ସମୀକ୍ଷା କରାଯାଉଛି। ଏଥିମଧ୍ୟରୁ ସିଷ୍ଟମ-୨ର ସଂପୂର୍ଣ୍ଣ କାର୍ଯ୍ୟକାରିତା ହୀରାକୁଦ ଡ୍ୟାମ ଅଞ୍ଚଳରେ ହେଉଥିବା ବେଳେ ଆସନ୍ତା ମାସରେ ଛତିଶଗଡ଼ର ରାୟପୁରଠାରେ ସିଷ୍ଟମ-୧କୁ ନେଇ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ପ୍ରଦତ୍ତ ବର୍ଷାର ଆକଳନ, କ୍ୟାଚମେଣ୍ଟ ଏରିଆ ବା ଜଳଗ୍ରହଣ ଅଞ୍ଚଳରେ ବର୍ଷାର ପରିମାଣ ଏବଂ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନାକୁ ସଠିକ୍ ସମୟରେ ହୀରାକୁଦ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା ପାଇଁ ଏକ ବ୍ୟବସ୍ଥା ଉପରେ ସହମତି ପ୍ରକାଶ ପାଇଛି। ଏହାଦ୍ୱାରା ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ସନ୍ତୁଳିତ ରଖିବା ସହ ବନ୍ୟା ସମୟରେ ଗେଟ୍ ପରିଚାଳନା ଅଧିକ ସୁଗମ ଓ ସଠିକ୍ ହୋଇପାରିବ ବୋଲି ଆଶା କରାଯାଇଛି। ତେବେ ବୈଠକ ଶେଷରେ ଏକ ବଡ଼ ବିବାଦୀୟ ସ୍ଥିତି ଦେଖିବାକୁ ମିଳିଥିଲା, ଯେତେବେଳେ ଅଣମୌସୁମୀ ଋତୁରେ ଛତିଶଗଡ଼ର ମନମାନୀ ଏବଂ ଓଡ଼ିଶାକୁ ପାଣି ପାଇଁ ହଇରାଣ କରିବା ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠିଥିଲା। ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ସଙ୍କୁଚିତ କରାଯାଉଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ ପଚାରିବାରୁ ଛତିଶଗଡ଼ ଜଳସମ୍ପଦ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ମୁହଁ ବନ୍ଦ କରିଦେଇଥିଲେ ଏବଂ କୌଣସି ଉତ୍ତର ନଦେଇ ଏଡ଼ାଇ ଯାଇଥିଲେ। ଅନ୍ୟପଟେ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ସରକାର ଓଡ଼ିଶାକୁ ସଠିକ୍ ସହଯୋଗ କରୁନଥିବା ନେଇ ହେଉଥିବା ଅଭିଯୋଗକୁ ସେଠାକାର ଅଧିକାରୀମାନେ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି ଏବଂ ଉଭୟ ରାଜ୍ୟ ମିଳିତ ଭାବେ ବିପତ୍ତିର ମୁକାବିଲା କରୁଥିବା ପ୍ରକାଶ କରିଛନ୍ତି। ଏହି ବୈଠକ ରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ନେଇ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ବୈଠକରେ ଓଡିଶାରୁ ୩ ଜଣ ଯନ୍ତ୍ରୀ ଥିବା ବେଳେ ଛତିଶଗଡ ରୁ ମଧ ୩ ଜଣ ଯନ୍ତ୍ରୀ ଆସିଥିଲେ। ବନ୍ୟା ନିୟନ୍ତ୍ରଣ କିପରି ଭଲ ଭାବରେ ହେବା ସହ ସୂଚନା ଆଦାନ ପ୍ରଦାନ କିପରି ସଠିକ ଭାବରେ ହେବ ସେନେଇ ଆଲୋଚନା ହୋଇଥିଲା। ଛତିଶଗଡ଼ରେ ଥିବା ସରାଡିହି ବ୍ୟାରେଜ୍‌ଠାରେ ଏକ ଅତ୍ୟାଧୁନିକ 'ନନ୍-କଣ୍ଟାକ୍ଟ ଟାଇପ୍ ଡିସଚାର୍ଜ ମେଜରମେଣ୍ଟ ସିଷ୍ଟମ' (ଜଳ ପ୍ରବାହ ମାପକ ଯନ୍ତ୍ର) ସ୍ଥାପନ କରାଯିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୬୭ ଲକ୍ଷ ୫୨ ହଜାର ୬୪୫ ଟଙ୍କାର ଆନୁମାନିକ ଖର୍ଚ୍ଚ ସହ ଗୋ-ଅହେଡ୍ ଅନୁମତି ପ୍ରଦାନ କରାଯାଇଛି।ସାରାଡିହି ଗେଜ୍ ସାଇଟ୍‌ରୁ ହୀରାକୁଦ ଜଳଭଣ୍ଡାରକୁ ପାଣି ଆସିବା ପାଇଁ ପ୍ରାୟ ୧୨ ଘଣ୍ଟା ସମୟ ଲାଗୁଥିବାରୁ ଏହାକୁ ବନ୍ୟା ପୂର୍ବାନୁମାନ ଏବଂ ଜଳଭଣ୍ଡାର ପରିଚାଳନା ପାଇଁ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଏ। ଏହି ସମସ୍ୟାର ସମାଧାନ ପାଇଁ ଏବେ ସେଠାରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହାୟତାରେ ନୂତନ ଜଳ ମାପକ ବ୍ୟବସ୍ଥା କରାଯାଉଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା ବାସ୍ତବ ସମୟରେ (ରିଅଲ୍-ଟାଇମ୍) ଜଳ ପ୍ରବାହର ସଠିକ୍ ତଥ୍ୟ ମିଳିପାରିବ, ଯାହା ବନ୍ୟା ପୂର୍ବାନୁମାନକୁ ଅଧିକ ସୁଦୃଢ଼ କରିବା ସହ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ସମନ୍ୱିତ ଜଳ ପରିଚାଳନା ପାଇଁ ବେଶ୍ ସହାୟକ ହେବ। ଅନ୍ୟପଟେ ଗୁରୁବାର ମହାନଦୀରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ।



### ଆଜି ମହାନଦୀରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

### ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ତଳି ଅଞ୍ଚଳରେ ନାହିଁ ବନ୍ୟା ସ୍ଥିତି

## ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜର

**କେନ୍ଦ୍ରାପଡ଼ା:** ରାଜ୍ୟରେ ଜଣେ ସରକାରୀ ବାବୁଙ୍କ ଘରେ ଭିଜିଲାନ୍ସର ବଡ଼ଧରଣର ଚଢ଼ାଉ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବାସଭବନ ଓ କାର୍ଯ୍ୟାଳୟ ସମେତ ଏକାସଙ୍ଗେ ୪ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜୋରଦାର ରେଡ୍ ଚାଲିଛି। ରେଞ୍ଜର ରବୀନ୍ଦ୍ର ନାୟକଙ୍କ ସମ୍ପତ୍ତିର ଖୋଳତାଡ଼ କରିବା ପାଇଁ ଭିଜିଲାନ୍ସର ଏକ ବିଶାଳ ଟିମ୍ ଗଠନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍ପେଶାଲ୍ ଡ୍ରାଇଭ୍‌ରେ ୫ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇ ଚଢ଼ାଉ ଜାରି ରଖିଛନ୍ତି। ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ କଟକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୪ଟି ପ୍ରମୁଖ ସ୍ଥାନରେ ଏକାସଙ୍ଗେ ଛାନଭିନ୍ ଚଳାଇଛି। ସେଗୁଡ଼ିକ ମଧ୍ୟରେ କଟକ ଜିଲ୍ଲା ମୁଣ୍ଡଳି ନିକଟରେ ଥିବା ତାଙ୍କର ଏକ ଆଲିସାନ ୪ ମହଲା ବିଲ୍ଡିଂ, ବାଙ୍କୀ ସାହାଡ଼ାପଡ଼ା ସ୍ଥିତ ତାଙ୍କର ପୈତୃକ ଘର, କେନ୍ଦ୍ରାପଡ଼ାର ବଡ଼ମଙ୍ଗଳା ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ, କେନ୍ଦ୍ରାପଡ଼ା ସହରରେ ଥିବା ତାଙ୍କର ଅନ୍ୟ ଏକ ଭଡ଼ା ଘର ରହିଛି। ଭିଜିଲାନ୍ସ ଟିମ୍ କେନ୍ଦ୍ରାପଡ଼ା ସ୍ଥିତ ସରକାରୀ କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ାଉ କରିବା ସମୟରେ ରେଞ୍ଜର ରବୀନ୍ଦ୍ର ନାୟକ ସେଠାରେ ଉପସ୍ଥିତ ନଥିଲେ। ଭିଜିଲାନ୍ସର ୫ ଜଣିଆ ବିଶେଷ ଟିମ୍ କାର୍ଯ୍ୟାଳୟର ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାଙ୍ଗରେ ନେଇଯାଇଛନ୍ତି। ଚଢ଼ାଉ ଜାରି ରହିଥିବାରୁ ବର୍ତ୍ତମାନ ସୁଦ୍ଧା ମୋଟ୍ କେତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଛି, ସେନେଇ ଭିଜିଲାନ୍ସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଚଢ଼ାଉ ଶେଷ ହେବା ପରେ ସମ୍ପୂର୍ଣ୍ଣ ରିପୋର୍ଟ ସାମ୍ନାକୁ ଆସିବ।

## ବିଦ୍ୟୁତ୍ ଆଘାତରେ କଂଗ୍ରେସ ନେତାଙ୍କ ମୃତ୍ୟୁ

**ସୁବର୍ଣ୍ଣପୁର:** ଘର ପଛପଟେ ପାଣି ପମ୍ପ ସଜାଡୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ କଂଗ୍ରେସ ନେତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଚରଦା ଗାଁରେ। ମୃତକଙ୍କ ନାଁ ମହେନ୍ଦ୍ର ଥନାପତି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ହୋଇଥିଲେ। ସେ ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ସ୍ଥାନୀୟ ଅଞ୍ଚଳର ଜଣେ ବେଶ୍ ଜଣାଶୁଣା କଂଗ୍ରେସ ନେତା ଥିଲେ।

ମହେନ୍ଦ୍ର ଥନାପତି ତାଙ୍କ ପଛ ପଟରେ ପାଣି ପମ୍ପ ସଜାଡୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମୀକ୍ଷା ବୈଠକ

## ମାର୍ଚ୍ଚ ୨୦୨୭ ସୁଦ୍ଧା ୨୨୦୦ ସ୍କୁଲ ନିର୍ମାଣ

### ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ଖର୍ଚ୍ଚ

**ଭୁବନେଶ୍ୱର :** ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ନୂତନ ସରକାର ଆସିବା ପରେ ପ୍ରଥମ ଦିନରୁ ହିଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପକୁ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରାଯାଇଛି। ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ସରକାର ପ୍ରାୟ ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଛନ୍ତି, ଯେଉଁଠାରେ କି ପ୍ରଥମ ବଜେଟ୍‌ରେ ମାତ୍ର ୫୦ କୋଟି ଟଙ୍କାର ପ୍ରାବଧାନ ରହିଥିଲା। ତେବେ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ବିରକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜମି ପାଇବାରେ କିଛି ସମସ୍ୟା ଥାଇପାରେ, କିନ୍ତୁ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଜମି ମିଳିବାରେ କୌଣସି ଅସୁବିଧା ହେବା କଥା ନୁହେଁ। ମେଗା କ୍ୟାମ୍ପସ ନିର୍ମାଣ ପାଇଁ ୫ ଏକର ଜମିର ଆବଶ୍ୟକତା ରହିଛି ଏବଂ ପଞ୍ଚାୟତ ମଧ୍ୟରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ପାଇଁ ୫ ଏକର ଜମି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ବିଦ୍ୟାଳୟଗୁଡ଼ିକରେ ୫ ଏକରରୁ କମ୍ ଜମି ଥିବ, ସେଠାରେ ବିଦ୍ୟାଳୟକୁ ଲାଗି ରହିଥିବା ସରକାରୀ କିମ୍ବା ବେସରକାରୀ ଜମିକୁ କିଣାଯାଇ ବ୍ୟବହାର କରାଯାଇପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କହିଛନ୍ତି ଯେ, ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ଆନ୍ତରିକତା ଓ ସହଯୋଗ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ୍ ସମ୍ପୂର୍ଣ୍ଣ କରନ୍ତୁ। ଯଦି ପ୍ରଶାସନ ଗମ୍ଭୀରତାର ସହ କାମ କରେ, ତେବେ ୨୨୦୦ ବିଦ୍ୟାଳୟ ଖୁବ୍ ଶୀଘ୍ର ନିର୍ମାଣ ହୋଇପାରିବ। ରାଜ୍ୟରେ ସମୁଦାୟ ପ୍ରାୟ ୭୦୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୦ସୁଦ୍ଧା ୨୨୦୦ ସ୍କୁଲ୍ ନିର୍ମାଣ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ସମୟସୀମା ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ଏହାର ତଦାରଖ କରିବେ ଏବଂ ଏକ ସପ୍ତାହିକ ରିପୋର୍ଟ ପ୍ରସ୍ତୁତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ। ଆବଶ୍ୟକ ସ୍ଥଳେ ସ୍ଥାନୀୟ ଜମି ସମସ୍ୟା ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳର ବିଧାୟକମାନଙ୍କ ସାହାଯ୍ୟ ଲୋଡ଼ିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ଏବଂ ଓସେପା ର ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

### ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର କରିବେ ଶୁଭାରମ୍ଭ

**ଭୁବନେଶ୍ୱର:** ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ କରିବେ। ସାଧାରଣତଃ ସମୁଦ୍ର କୂଳରୁ ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଥାଏ। "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ" କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ମଧ୍ୟରେ ମାଛଧରି ପାରିବେ। ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ ମାଛଧରି ପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବା ସହ ସମୃଦ୍ଧ ନୀଳ ଅର୍ଥନୀତିର ନବ ଦିଗନ୍ତକୁ ଉନ୍ମୋଚନ କରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡ଼ିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ।

### ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

## ତିନିରଥର ୩୦ଟି ରଥମୋଡ ଚକଫାଳି ନିର୍ମାଣ ଶେଷ

**ପୁରୀ :** ଆଷାଢ ମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ରଥାରୁଢ ହୋଇ ବଡଦାଣ୍ଡରେ ଘରଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି। ବୁଧବାର ରଥ ନିର୍ମାଣର ୭୯ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଉ ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ବୁଧବାର ତିନିରଥର ୩୦ଟି ରଥମୋଡ ଚକଫାଳି ନିର୍ମାଣ ଶେଷ ହୋଇଛି। ବିଳାସପଟି, ଚିକ୍କଣ ଫୁଲ, ଡାଳିଲତା ପକା ଓ ପୋଲ ଚାଦର ସିଲାଇ ଜାରୀ ରହିଛି। ମଙ୍ଗଳବାର ସୁଦ୍ଧା ତିନିରଥରେ ରଙ୍ଗ କାର୍ଯ୍ୟ ଶେଷ ହୋଇଥିବା ୩୨ ଗୋଟି କନ୍ୟା ପଟା ବାଡ଼ିଆ ଯିବା ସହ ପ୍ରଭାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶ ଏବଂ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରୀ ରହିଥିଲା। ଆଜି ତିନିରଥର ମହାରଣା ସେବକ ମାନେ ୧୦ ଟି ଲେଖାଏଁ ରଥ ମୋଡ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ରଥ ଗଡି ଦିଗ ହରା ହେଲେ ରଥକୁ ଦିଗ ଦିଆଯିବା ପାଇଁ ଚକ ମୋଡ ଫାଳୀ ର ବିଶେଷ ଆବଶ୍ୟକତା ପଡ଼ିଥାଏ। ଦିଗ ହରା ରଥକୁ ଦିଗ ଦେବା ପାଇଁ ରଥଟଣା ମାର୍ଗଦର୍ଶକଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଇ ସେବକ ମାନେ ଏହି ମୋଡା ଚକ ଫାଳୀ କୁ ଉପଯୋଗ କରି ରଥକୁ ଦିଗ ଦେଇଥାନ୍ତି। ଆଜି ମହାରଣା ସେବକ ମାନେ ତିନିରଥର ବେଦୀ ସିଂହାସନ ରେ ବିଜେ ଚକା ସ୍ଥାପନ ପୂର୍ବରୁ ବେଦୀ ପରିସରକୁ ରଞ୍ଜା ମାରି ସଫା କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ପ୍ରଭା ରେ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ର ଶେଷ ସ୍ୱର୍ଶ ଦେବା ସହ ପ୍ରଭା ମଧ ଭାଗରେ ଅଙ୍କିତ ଦେବ ଦେବୀଙ୍କ ରଙ୍ଗ ଚିତ୍ର କାର୍ଯ୍ୟ ମଧ ଶେଷ ସ୍ୱର୍ଶ ଦେଉଛନ୍ତି। ଏଥିସହ ଚିତ୍ରକାର ସେବକ ମାନେ ତିନିରଥର ଚକ, ଦଣ୍ଡା, ଗୁଜ, ରଥ ଉପର ନାହାକା ,ବ୍ରେକ ପୁଲି, ଘୋଡ଼ା, ସାରଥୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକ ମାନେ ନନ୍ଦି ଘୋଷ ରଥର ବାକି ରହିଥିବା ବତା କନାରେ ବିଳାସ ପଟି ପକା କାର୍ଯ୍ୟ ଶେଷ କରି ତିନିରଥର ଦୁଆର ବେଢା ଚନ୍ଦ୍ର ଶାଳୀ ରେ ଚିକଣ ଫୁଲ, ଡାଳି ଲତା ପକା କାର୍ଯ୍ୟ ସହ, ଦୁଆର ବେଢ଼ା କନାରେ ପୋଲମୁଦ୍ରା, ପୋଲ ଚାଦର ସିଲାଇ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ଜରୁରୀ ପରିସ୍ଥିତି ପାଇଁ କିଛି ଆବଶ୍ୟକ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ରଥ ଯାତ୍ରା ରେ ସେବା ପୂଜା ପାଇଁ ସରଞ୍ଜାମ ନିର୍ମାଣ ଶେଷ କରି ଗୁଣ୍ଡିଚା ମନ୍ଦିରରେ ବ୍ୟବହାର ପାଇଁ ଆବଶ୍ୟକୀୟ କାଠ ସରଂଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥର ମହାରଣା ସେବକ ୭୮ଜଣ,ଭୋଇ ସେବକ ୭୬ଜଣ ,କରତୀ ସେବକ ୪ଜଣ, ରୂପକାର ସେବକ ୨୧ଜଣ,ଓଝା କମାର ସେବକ ୨୦ଜଣ,ତୁମ୍ଭ ବିନ୍ଧ କାରିଗର ୨ଜଣ, ପାହି ମହାରଣା ୨ଜଣ ଚିତ୍ରକାର ୪୦ଜଣ ଓ ରଥଖଳା ସହାୟକ ୧ ଜଣ ମୋଟ ୨୪୪ ଜଣ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିଷ୍ଠା ଶ୍ରଦ୍ଧା ଓ ଭକ୍ତିର ସହ ନିମଗ୍ନ ରହିଛନ୍ତି।



- ବିଳାସପଟି, ଚିକ୍କଣ ଫୁଲ, ଡାଳିଲତା ପକା
- ପୋଲ ଚାଦର ସିଲାଇ ଜାରି
- ରଥ ନିର୍ମାଣର ୭୯ ତମ ଦିବସ

## ସମ୍ପାଦକୀୟ

# ବାଳକ ଅପରାଧୀ

ଜଣେ ବାଳକ ବି ଅଭିଯୁକ୍ତ ହୋଇପାରେ। ଏ କଥା କେବେ ସମ୍ଭବ ହୋଇନପାରେ ! କେବେ କେବେ ସମ୍ଭବ ବି ହୋଇପାରେ। କେତେବେଳେ କେଉଁ ପରିସ୍ଥିତିରେ କାହାର ମାନସିକତାରେ କିଭଳି ପରିବର୍ତ୍ତନ ଆସିବ, ତାହା କେବେ ବି ଏକ ସୁନିଶ୍ଚିତ ବିଷୟ ନୁହେଁ। କେତେବେଳେ କିଛି ବି ହୋଇପାରେ,କେତେବେଳେ କିଛି ବି ପରିବର୍ତ୍ତନ ଆସିପାରେ ଏବଂ କେତେବେଳ କିଛି ବି ଘଟିପାରେ ! ସେଥିପାଇଁ ଇଂରାଜୀରେ ଫ୍ୟୁଚର୍ ଇଜ୍ ଅନସର୍ଟନ... ଏମିତି କିଛି କଥା ଅଛି। ଫ୍ୟୁଚର୍ ତ ବହୁ ଦୂରରେ ରହିଛି, ଆମେ ତ କହିବୁ ଟୁମରୋ ମଧ୍ୟ ଅନସର୍ଟନ। ଫ୍ୟୁଚର୍ ତ ବହୁ ଦୂରରେ ..କିଏ ବା ଦେଖିଛି କାହାର ଫ୍ୟୁଚର୍, ନିଜର ଫ୍ୟୁଚର୍ ବି ନିଜପାଇଁ ସନ୍ଦିହାନ ହୋଇପାରେ। କେବଳ ନିଜର ପ୍ରେଜେଣ୍ଟ ବିଷୟରେ ଆଲୋଚନା କରାଯାଇପାରେ କିମ୍ବା କାହାର ବି ପ୍ରେଜେଣ୍ଟ ବିଷୟରେ ଆଲୋଚନା କରାଯାଇପାରେ। କାରଣ କେବଳ ସୁନ୍ଦର ପ୍ରେଜେଣ୍ଟ ହିଁ କେବଳ ଗୋଟାଏ ସୁନ୍ଦର ଫ୍ୟୁଚର୍ ନିର୍ମାଣ କରିପାରେ। ହେଲେ ଅବଶୋଷର ବିଷୟ ଯେ ଆଜିର ସେହି ବର୍ତ୍ତମାନ ହିଁ ବିଷାଦଗ୍ରସ୍ତ, ଆଜିର ସେହି ବର୍ତ୍ତମାନ ହିଁ ସଙ୍କଟଗ୍ରସ୍ତ ଏବଂ ଚାପଗ୍ରସ୍ତ। ଅନେକ କ୍ଷେତ୍ରରେ, ଅନେକ ସମୟରେ, ଅନେକ ସ୍ଥାନରେ ବର୍ତ୍ତମାନ ସମୟ ଏଭଳି ପ୍ରଦୂଷିତ, ବର୍ତ୍ତମାନ ସମୟ ଏଭଳି କଳୁଷିତ ହୋଇଯାଉଛି ଅବା ହେବାରେ ଲାଗିଛି, ଯାହାଦ୍ୱାରା କେବେ କେବେ ସାଧାରଣ ଗୋଟାଏ ବାଳକ ବି ଭୁଲ୍‌ମାର୍ଗରେ ପରିଚାଳିତ ହେଉଛି। କଥାରେ ଅଛି ବାଳକ... ନାରୀ ..ବୃଦ୍ଧ...ଭିକାରୀ ..ଏବଂ ରୋଗୀ ଓ ପାଗଳ ଆଦି ଚରିତ୍ରମାନଙ୍କୁ ସର୍ବଦା ଦୟାଦୃଷ୍ଟିରେ ଦେଖିବା ଉଚିତ୍ । ସମାଜର ଏହିସବୁ ଚରିତ୍ର ସର୍ବଦା ଦୟାର ପାତ୍ର। ଏମିତି କିଛି ଭାରତୀୟ ସଭ୍ୟତା ଏବଂ ସଂସ୍କୃତିର କଥା ଯାହାକୁ କେବେ ବି କେହି ବି ଅସ୍ୱୀକାର କରିନପାରେ। ହେଲେ ବର୍ତ୍ତମାନ ସମୟରେ ସମସ୍ତେ କଳୁଷିତ ହେବାକୁ ବସିଲେଣି। କହିବାର ଅର୍ଥ ପ୍ରଥମେ ସେହି ବାଳକ କଥାରୁ ଆମେ ଆରମ୍ଭ କରିବା, ଯେଉଁମାନେ ଦୟାର ପାତ୍ର ଯେହେତୁ ସେମାନେ ନାବଳକ। ସେମାନେ ଅକ୍ଷମ ଏବଂ ଅବୋଧ ବାଳକ। ସେଥିପାଇଁ ତ ସେମାନେ କ୍ଷମଣୀୟ। ଅଥଚ ବର୍ତ୍ତମାନ ସମୟରେ କେତେକ ବାଳକ ବି ଏମିତି କିଛି କାରନାମା ଭିଆଉଛନ୍ତି, ଯାହାକୁ କେବଳ ଅପରାଧ କୁହାଯାଇପାରେ ଯାହାକୁ ନେଇ ସେମାନଙ୍କ ନାମରେ ଆସୁଛି ସାଙ୍ଘାତିକ ଅଭିଯୋଗ। ଖୋଳତାଡ଼ ପରେ ଯାହା ଜଣାପଡୁଛି କି ସେହି ଅବୋଧ ଅକ୍ଷମ ବାଳକ କେବେ କେବେ ସମାଜରେ ଭିଆଉଛନ୍ତି ଅତି ଅମାନୁଷିକ କାଣ୍ଡ, କେବେ କେବେ ସେମାନେ ସମାଜରେ ଘଟାଉଛନ୍ତି ଅତି ଅମାନବୀୟ କାର୍ଯ୍ୟ ଯାହା ଅତି ଜଘନ୍ୟ.. ଅତି ବୀଭତ୍ସ। ଏପରି ସ୍ଥଳେ ଆମେ ସେମାନଙ୍କୁ କି ବାଳକ କହିପାରିବା ନା ଆଉ କ'ଣ କହିବା ? ବର୍ତ୍ତମନେ ସମୟରେ ପୂରା ଭାରତବର୍ଷରେ ପ୍ରାୟତଃ ବିଭିନ୍ନ ରାଜ୍ୟରେ ବିଭିନ୍ନ ସମୟରେ ୧୫/୧୬ବର୍ଷ ବୟସରୁ ୧୯/୨୦ବର୍ଷ ବୟସର ପିଲା ଏବେ କଥାକେ କଥାକେ ହାତ ଉଠାଉଛନ୍ତି... କଥାକଥାକେ ହତିଆର ଉଠାଉଛନ୍ତି। ମଉକା ପାଇଲେ ରେପ୍ କରୁଛନ୍ତି , ଏବଂ ମର୍ଡର ବି କରୁଛନ୍ତି। ସତରେ କେତେ ଅମାନବୀୟ, ସତରେ କେତେ ଜଘନ୍ୟ, ସତରେ କେତେ ବୀଭତ୍ସ। ଭାରତୀୟ ବାଳକମାନଙ୍କର ଏଭଳି ଭୁଲ୍ ପାଇଁ ସେମାନେ କେବେ କ୍ଷମା ପାଇବା ପାଇଁ ଯୋଗ୍ୟ କି ? ସେମାନେ କେବେ କ୍ଷମାପ୍ରାର୍ଥୀ କି ? ଭୁଲ୍ ଯଦି ଜଘନ୍ୟ .. ତେବେ ଶାସ୍ତି ବି ସେହିଭଳି ଜଘନ୍ୟ ହେବା ଦରକାର। ଭୁଲ୍ ଯଦି ବଡ଼ , ଶାସ୍ତି ବି ସେହିଭଳି କଡ଼ା ହେବା ଦରକାର। ହେଲେ ଭାରତରେ ସେଭଳି କୌଣସି କଠୋର ଆଇନ୍ ନାହିଁ ... ଯାହା ବଳରେ ଜଣେ ବଳାତ୍କାରୀ ବାଳକ ଅବା ହତ୍ୟାକାରୀ ବାଳକକୁ ଫାଶୀ ଦିଆଯାଇପାରେ କି ? ସାଧାରଣ ମତରେ ପ୍ରାୟତଃ ନୁହେଁ କିନ୍ତୁ ଇସ୍ଲାମିକ୍ କିମ୍ବା ଖ୍ରୀଷ୍ଟିଆନିଟୀ କମ୍ୟୁନିଟୀରେ ବାଳକ ବି ଅପରାଧୀ ଏବଂ ତା'ପାଇଁ ବି ଶାସ୍ତି ବି ସେହିଭଳି କଠୋର ହୋଇପାରେ । ଭାରତରେ କିନ୍ତୁ ସେମିତି ବ୍ୟବସ୍ଥା ନାହିଁ । କିଶୋର ନ୍ୟାୟ ୨୦୧୫ ଅଧିନିୟମ ଅନୁସାରେ ବାଳ ଅପରାଧୀଙ୍କୁ ସେମାନଙ୍କ ଅପରାଧ ପାଇଁ ସେମାନଙ୍କୁ କୌଣସି କଠୋର ଶାସ୍ତି ଦେବା ପରିବର୍ତ୍ତେ ସେମାନଙ୍କୁ ବାଳ ସୁଧାର ଗୃହରେ ରଖାଯାଇ ସେମାନଙ୍କୁ ନାନା ପରାମର୍ଶ ଏବଂ ନାନା ଉପଦେଶ ମାଧ୍ୟମରେ ସେମାନଙ୍କୁ ସୁଧାରିବାର ବାଟ କରାଯାଏ। ଅତି ଜଘନ୍ୟ ଅପରାଧ ପାଇଁ ହୁଏତ କେବେ କେବେ ସେମାନଙ୍କୁ ଏକବର୍ଷରୁ ତିନିବର୍ଷ ମଧ୍ୟରେ ଜେଲ୍ ଦଣ୍ଡର ପ୍ରାବଧାନ ରଖାଯାଏ।

# ଗୁରୁ ବାକ୍ୟ

ଯୁବକଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛୁ ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ଆଦିବାସୀ ସଂସ୍କୃତି ଓ ଜଗନ୍ନାଥ

**ଉମାଶଙ୍କର ପ୍ରସାଦ**

ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ ଓଡ଼ିଶାର ମୂଳ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି। ଏହି ଆଦିମ ଜାତିକୁ ଅନେକ ଅଷ୍ଟ୍ରିକ ବୋଲି କହିଛନ୍ତି। ଅଭିଲେଖମାନଙ୍କରେ ସେମାନଙ୍କୁ ଆଟବିକ ବୋଲି କୁହାଯାଇଛି। ଆମେ କହୁଚୁ ଆଦିବାସୀ। ଆମର ଧର୍ମ, କର୍ମ,ଶ୍ରାଦ୍ଧ, ବିବାହ, ସନ୍ତାନ ଜନ୍ମ, ମୃତ୍ୟୁ ପ୍ରଭୃତିରେ ଆଦିବାସୀ ପ୍ରଭାବ ବ୍ୟାପକ ଭାବରେ ରହିଅଛି। ଆମେ ସେମାନଙ୍କଠାରୁ ଜନ୍ମାନ୍ତରବାଦ, ପରଲୋକ ଧାରଣା, ପ୍ରେତତତ୍ତ୍ୱ, ପିତୃ ତର୍ପଣ, ପିଣ୍ଡଦାନ ଓ ବହୁ ଓଷାବ୍ରତ ପ୍ରଭୃତି ଗ୍ରହଣ କରିଅଛୁ। ଗ୍ରାମ ଦେବତା ପୂଜା, ଲିଙ୍ଗ ପୂଜା, ନାଗ ପୂଜା, ଇନ୍ଦ୍ର ପୂଜା ମୂଳତଃ ସେଇମାନଙ୍କର। ଯଦି ଆମେ ଶବ୍ଦ ଭଣ୍ଡାରକୁ ଦେଖିବା ତେବେ ଆମ ତୋଷାଳି, କଳିଙ୍ଗ ଧଉଳି ଓ ଉତ୍କଳ ପ୍ରଭୃତି ଶବ୍ଦ ମୂଳତଃ ଆଦିବାସୀ।

ଏକ ଧାରାରେ ଓଡ଼ିଶା ଉତର ଭାରତ ଓ ଦକ୍ଷିଣ ଭାରତର ସଂଯୋଗ ସେତୁ ସହ ଆର୍ଯ୍ୟ, ଦ୍ରାବିଡ଼ ଶାବର ସଂସ୍କୃତିର ମନୋଜ୍ଞ ସମନ୍ୱୟ। କେବଳ ଭୌଗଳିକ ଦୃଷ୍ଟି କୋଣରୁ ନୁହେଁ - ଚିନ୍ତା ଚେତନା, ଦୃଷ୍ଟି ଦର୍ଶନ, ଧର୍ମଭାବନା, ରୀତି ନୀତି, ଆଚାର ବିଚାର କରି ଦେଖିଲେ ଓଡ଼ିଶା ହେଉଛି ସମଗ୍ର ଭାରତ ବର୍ଷରେ ଏକ ମନୋଜ୍ଞ ସମନ୍ୱୟ କ୍ଷେତ୍ର। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଂସ୍କୃତି ସହଆସି ସେଥିରୁ ଭଲଭାବକୁ ଗ୍ରହଣ କରିଛି, ଏବଂ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି । ଏହାର ପରିପ୍ରକାଶ ଘଟିଛି କଳା, ଭାସ୍କର୍ଯ୍ୟ, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ଗୀତ, ସାମରିକ ଐତିହ୍ୟ ପ୍ରଭୃତି ମାଧ୍ୟମରେ। ପୋଥି ଓ ପଥର ମଧ୍ୟରେ ଆଦିବାସୀ ସଂସ୍କୃତିର ପ୍ରଭାବ ଏବେ ମଧ୍ୟ ଏ ସଂସ୍କୃତିରେ ଦୃଷ୍ଟି ଗୋଚର ହୁଏ। କୋରାପୁଟର ଶାବରୀ ନଦୀ କୂଳ ସେମାନଙ୍କର ଆଦି ବାସସ୍ଥଳ ଥିଲା। ମହେନ୍ଦ୍ରଗିରି ଏମାନଙ୍କ ଚରାଭୂଇଁ ଥିଲା। ଏମାନେ ମାଟିର ସୁଖ ଦୁଃଖ, ହାନିଲାଭ ସହ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ। ମହାଭାରତ ଯୁଦ୍ଧରେ ପୁତ୍ର ସହିତ ଯୋଗଦାନ କରିଥିବା କଳିଙ୍ଗରାଜ ଶ୍ରତାୟୁଧଙ୍କ ସେନାବାହିନୀରେ ସଂଖ୍ୟାଧିକ ଶବର ବା ପୁଳିନ୍ଦମାନେ ରହିଥିଲେ (ମହାଭାରତ, ଭୀଷ୍ମପର୍ବ, ୧୬/୬୨୩) ଶବରମାନଙ୍କ ବାସ୍ତବ ବର୍ଣ୍ଣନା କାଦମ୍ବରୀ (ପୂର୍ବଭାଗ, ପୃ୬୬-୬୭ ବରାହ ମିହିରଙ୍କ ବୃହତ୍ ସଂହିତା (୧୪/୮-୧୦) ରେ ରହିଅଛି। ଓଡ଼ିଆ ସାହିତ୍ୟରେ ସାରଳା, ବଳରାମ, ଉପେନ୍ଦ୍ର ପ୍ରଭୃତିଙ୍କ କାବ୍ୟକୃତିରେ ଶବରମାନଙ୍କ ମନୋଜ୍ଞ ବର୍ଣ୍ଣନାମାନ ପ୍ରଦାନ କରାଯାଇଛି।

ଜଗନ୍ନାଥ ହେଉଛନ୍ତି ମୂଳତଃ ଶବର ଦେବତା। କାଳକ୍ରମେ ତାଙ୍କର ଆର୍ଯ୍ୟୀକରଣ କରାଯାଇଛି। ଆର୍ଯ୍ୟୀକରଣ ପୂର୍ବରୁ ଜଗନ୍ନାଥ ଶବରମାନଙ୍କର ପ୍ରିୟ ଦେବତା ଥିଲେ। ପଣ୍ଡିତ ନୀଳକଂଠ ଜଗନ୍ନାଥଙ୍କୁ ବେଦ ପୂର୍ବର ଦେବତା ବୋଲି କହିଛନ୍ତି। ମହେଞ୍ଜୋଦାର ଭୂମି ଖନନରୁ ମିଳିଥିବା ୧୮ ଓ ୧୯ ନମ୍ବର ଚିତ୍ରଦ୍ୱୟ ଜଗନ୍ନାଥଙ୍କ ବିଗ୍ରହର ସାଦୃଶ୍ୟ ବହନ କରିଥିବା ହେତୁ ଜଗନ୍ନାଥଙ୍କୁ ପ୍ରାକ୍ ବୈଦିକ ଦେବତାଭାବେ ଅନୁମାନ କରିବାରେ ଭୂଲ କିଛି ନାହିଁ। ଯଦି ବୈଦିକ ଯୁଗପରେ ଜଗନ୍ନାଥଙ୍କ ମୂର୍ତ୍ତୀ ପରିକଳ୍ପିତ ହୋଇଥାନ୍ତେ ତେବେ ସେ ରାମକୃଷ୍ଣଙ୍କ ପରି ଶରୀର ଧାରୀ ହୋଇଥାନ୍ତେ। ସମସାମୟିକ ବେବିଲୋନୀୟ ସଭ୍ୟତାରେ ଆଦିମ ମୂର୍ତ୍ତୀମାନଙ୍କ ସହ ଏ ମୂର୍ତ୍ତିର ସାମଞ୍ଜସ୍ୟ ରହିଥିବା ହେତୁ ଏହା ଅନୁମାନ କରିହେବ ଓ ବେଦର ପୂର୍ବଜଭାବେ ବିନା ଦ୍ୱିଧାରେ ସ୍ୱୀକାର କରାଯାଇପାରେ।

ଶବର ସଂସ୍କୃତିର ଧାରାକୁ ଅନୁକରଣ କରି ଆମେ ଜଗନ୍ନାଥଙ୍କୁ ତୁ ବୋଲି ସମ୍ବୋଧନ କରୁଛୁ। ଜଗନ୍ନାଥଙ୍କ ଯାତ୍ରା ଉତ୍ସବ, ପର୍ବ ପର୍ବାଣୀ ଓ ଆଚାର ବିଚାରରେ ସର୍ବତ୍ର ଶବର ସଂସ୍କୃତିର ପ୍ରଭାବ ରହିଛି। ଶବରମାନେ ଦେବତାଙ୍କୁ ଭୋଗ ଦେବା ସମୟରେ କୌଣସି ମନ୍ତ୍ର ପାଠ କରନ୍ତି ନାହିଁ। ଜଗନ୍ନାଥଙ୍କ ନିସଙ୍ଖୁଡ଼ି ଭୋଗରେ ମଧ୍ୟ ଠିକ୍ ସେହିପରି କୌଣସି ମନ୍ତ୍ରପାଠ କରାଯାଇ ନ ଥାଏ। କେବଳ ସମର୍ପଣ କରାଯାଇଥାଏ। ଶବର ସଂସ୍କୃତିରେ ସବୁଠାରୁ ଭଲ ଦ୍ରବ୍ୟଟିକୁ ପ୍ରଥମେ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରାଯାଇଥାଏ। ଆମେ ମଧ୍ୟ ଅନୁରୂପ ଭାବେ ଗଛର ପ୍ରଥମ ଫଳଟିକୁ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରିଥାଉ। ଶବର ଦେବତାଙ୍କୁ କନ୍ଦମୂଳ ଓ ମାଂସ ପୋଡ଼ା ସମର୍ପଣ କଲାପରି ଆମେ ମଧ୍ୟ ଜଗନ୍ନାଥଙ୍କୁ ପୋଡ଼ପିଠା ସମର୍ପଣ କରିଥାଉ। ଅଫୁଟା, ଅବଟା, ବ୍ୟଞ୍ଜନ ସହ ଅଗଳା ଅନ୍ନକୁ ମାଟି ପାତ୍ରରୁ ନବାଢ଼ି ତାର ଚାରିପାଖରେ ବସି ଶବରମାନେ ଭୋଜନ କଲାଭଳି ଆମେ ମଧ୍ୟ ଜଗନ୍ନାଥଙ୍କ ପବିତ୍ର ଅବଢ଼ାରେ ନିଜର ବନ୍ଧୁ କୁଟୁମ୍ବଙ୍କ ସହ ଭୋଜନ କରିଥାଉ। ଶବର ଜାତି ମଦ୍ୟ, ମାଂସ, ପ୍ରିୟ ଜଗନ୍ନାଥଙ୍କୁ ମଧ୍ୟ ମଦତୁଲ୍ୟ ତମ୍ବାପାତ୍ରରେ ପଇଡ଼ପାଣି ଓ ମାଂସ ତୁଲ୍ୟ ବିରିପିଠା ଅର୍ପଣ କରାଯାଇଥାଏ। ଶବରମାନେ ବୃକ୍ଷକୁ ନିଜ ଗୋତ୍ରର ସଙ୍କେତ ରୂପେ ପୂଜା କରନ୍ତି। ଅର୍ଥବ ବେଦରେ ବ୍ୟକ୍ଷକୁ ଦେବ ସଦନରୂପେ କଳ୍ପନା କରାଯାଇଛି। ଗଣ୍ଡମାନେ ଦୁଇଗୋଟି କୃଷ୍ଣ ଦାରୁକୁ ଜଙ୍ଗା ଦେବତା ନାମରେ ପୂଜିଥାଆନ୍ତି। ପ୍ରକୃତି ପ୍ରିୟ ମାନବ। ଆବାହମାନକାଳରୁ ପ୍ରକୃତିର ଉପାସନା କରିଆସିଛି। ବୃକ୍ଷଲତା ପୂଜା ତାହା ମଧ୍ୟରୁ ଅନ୍ୟତମ। ତୁଳସୀକୁ ଆମେ ଅତ୍ୟନ୍ତ ପବିତ୍ର ବୋଲି ଧରି ଏହା ବିଭିନ୍ନ ଦେବତାଙ୍କ ଆଶ୍ରୟ ସ୍ଥଳଭାବେ ବର୍ଣ୍ଣନା କରାଯାଇଅଛି।

"ତୁଳସ୍ୟାଂ" ସକଳ ଦେବାଃ ବସନ୍ତି ସତତଂ ଯତଃ ଅତସ୍ତାମଭୟେ ଲୋକ ସର୍ବଦେବାନା ସମର୍ଚ୍ଚୟତେ। ଯେପରି ବର ହେଲା ଶିବ ସମ୍ପର୍କିତ, ମନ୍ଦାର ହେଲା ଦୂର୍ଗା ସମ୍ପର୍କିତ, ବର-ଅଶ୍ୱସ୍ତ ମଧ୍ୟ ମଧ୍ୟ ବିଷ୍ଣୁ, ବୁଦ୍ଧ ଓ ଅଲକ୍ଷ୍ମୀଙ୍କ ସହ ସମ୍ପର୍କିତ। ନିମ୍ବଦାରୁରେ ଶ୍ରୀ ବିଗ୍ରହମାନ ନିର୍ମିତ ହୋଇଥିବାରୁ ଅତି ପବିତ୍ର ବୋଲି ମନେହୁଏ। ଶୁଭକାର୍ଯ୍ୟରେ ପବିତ୍ର ପଂଚ ପଲ୍ଲବ ଓ ନବ ସମିଧର ଆବଶ୍ୟକତା ଥାଏ।

"ଅଶ୍ୱତ୍ଥୋମ୍ବର ପ୍ଲକ୍ଷ ଚ୍ୱତ ନ୍ୟାଗ୍ରୋଧ ବଲ୍ଲବାଃ

ପଂଚ ପଲ୍ଲବ ମିତ୍ୟୁକ୍ତଂ ସର୍ବକର୍ମାଣି ଶୋରନମ୍"।

ଖଡ଼ିଆ ଓ ସଉରାମାନେ ପୂଜା କରୁଥିବା ମଡାମ, ବଳାମ ଦେବତା ବଳରାମଙ୍କ ପୂର୍ବରୁପ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଶବରମାନେ ଦେବୀ ସ୍ତମ୍ଭେଶ୍ୱରୀଙ୍କ ନୂତନ ସଂସ୍କରଣ ଭାବେ ସୁଭଦ୍ରାଙ୍କୁ ନିଆଯାଇପାରେ। ଆଦିବାସୀ ଉପାସିତ ଦେବଦେବୀଙ୍କ ମଧ୍ୟରେ ଜଗାରାଜୁ, କୋରାରାଜୁ ଓ ସୁଭଦ୍ରାମ୍ମା ପ୍ରଧାନ। ଶବରମାନେ ଶିକାରେ, ଏକ କୁଡୁଆ ମଧ୍ୟରେ ଯେଉଁ ତିନିଗୋଟି କାଠ ମୂର୍ତ୍ତୀ ପୂଜା କରନ୍ତି, ସେମାନେ ହେଲେ କିତୁଙ୍ଗ, ଧର୍ମ ଦେବତା ଓ ବାଲିଆ। ଶବର ଭାଷାରେ କିତୁଙ୍ଗର ଅର୍ଥ ଜଗନ୍ନାଥ। ଆଦିବାସୀ କନ୍ଧମାନେ ଗାଁ ମୁଣ୍ଡର ବରଗଛ ମୂଳରେ ୩ଖଣ୍ଡ ପଥରକୁ ଧାଡ଼ିକରି ରଖି ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡିଏ ପଥର ଛାତ ପରି ରଖି ପୂଜା କରନ୍ତି। ଏହା ଯେ ଜଗନ୍ନାଥ, ପଳଭଦ୍ର ଓ ସୁଭଦ୍ରାଙ୍କ ପୂର୍ବରୂପ ଯେ କେହି ଅନୁମାନ କରିପାରିବ। ଦାରୁମୂର୍ତ୍ତୀ ଉପାସନା ଯେ ଶବର ସଂସ୍କୃତିରୁ ଆସିଛି। ଏପରି ଚିନ୍ତା ଅସ୍ୱାଭାବିକ ନୁହେଁ। ଭଗବାନ ବିଷ୍ଣୁଙ୍କ ନୀଳମାଧବ ବିଗ୍ରହ ଜଗନ୍ନାଥ ରୂପରେ ରୂପାନ୍ତରିତ ହେବା ପରିକଳ୍ପନାର ପୃଷ୍ଠ ଭୂମିରେ ଏହି ସତ୍ୟ ନିହିତ (ଓଡ଼ିଶାର ସାଂସ୍କୃତିକ ପରମ୍ପରା, ୨ୟ ସ୍ତବକ), ଜଗନ୍ତା କିତୁଙ୍ଗଙ୍କର ମଧ୍ୟ ଆମ ଭଗବାନଙ୍କ ଦଶ ଅବତାର ପରି ତାଙ୍କର ଦଶ ରୂପ ବା ଅବତାର ରହିଛି। (Thurston E.Casts and tribes of Southern India-Vol-IV-1909, Page-335)

ଏକ ଆଦିବାସୀ କିମ୍ବଦନ୍ତୀ ଅନୁସାରେ ପୂର୍ବେ ଲାଞ୍ଜିଆ ସଉରାମାନଙ୍କ ମଧ୍ୟରେ ମୋଟା ଓ ମୋଲା ନାମରେ ଦୁଇ ଭାଇ ଥିଲେ। ସେମାନେ ନିଃସନ୍ତାନ ଥିବାରୁ ତିନି ଠାକୁରଙ୍କ ପାଇଁ ତିନିଗୋଟି ରଥ ତିଆରିକରି ଯାତ୍ରା ଉତ୍ସବ କରାଇବାରୁ ସେମାନଙ୍କର ତିନିଗୋଟି ସନ୍ତାନ ହୋଇଥିଲା। ସେହି ଦିନଠାରୁ ଏହି ଯାତ୍ରା ପାଳନ ହୋଇ ଆସୁଛି। ଚାରି ଚକିଆ ଛୋଟ ରଥରେ ଜାଲିଆଦେବୀ ଚାଚେରୀ ଭ୍ରମଣରେ ଗଲାବେଳେ ତାଙ୍କ ସହ ଆୟୁଙ୍ଗସୁଙ୍ଗ (ଧର୍ମବୋଦା) ଓ କିତୁଙ୍ଗ ଠାକୁର ମଧ୍ୟ ଯାଆନ୍ତି। ଠାକୁରଙ୍କ ସହ ଗୋଟିଏ ବାଉଁଶ ପେଡ଼ିରେ ଠାକୁରାଣୀଙ୍କ ପିନ୍ଧାବସ୍ତ୍ର, ଲଗାଇବା ତେଲ, ଦର୍ପଣ, ଘଂଟି, ଦୀପ ଓ ମୟୁର ପୁଚ୍ଛ ଇତ୍ୟାଦି ଯାଇଥାଏ। ଆଜି ପୁରୀ ରଥଯାତ୍ରାରେ ମଧ୍ୟ ସୁଭଦ୍ରାଙ୍କ ରଥରେ ଏକ ବାଉଁଶ ନିର୍ମିତ ପେଡ଼ିରେ ଅନୁରୂପ ପଦାର୍ଥମାନ ଯାଇଥାଏ। ତେଣୁ ଆମ ଶ୍ରୀକ୍ଷେତ୍ର ଶବର ସଂସ୍କୃତିର ଭାବ ବହନ କରିବା ସହ ସାର୍ବଜନୀନ ଧର୍ମ ଓ ସଂସ୍କୃତିର ଲୀଳାକ୍ଷେତ୍ର ଭାବେ ପରିଚିତ। କିମଧିକମ୍।

ସ୍ତମ୍ଭକାର ତଥା ସାମ୍ବାଦିକ,
ଖୋର୍ଦ୍ଧା
ମୋ-୮୮୯୫୫୪୭୪୯୦

# ପରିବେଶ ସୁରକ୍ଷା ପ୍ରତି ଆମର ଦାୟିତ୍ୱବୋଧ

**ଡଃ ଅମୂଲ୍ୟ କୁମାର ପଣ୍ଡା**

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ

ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି ।

ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ (Air Pollution) । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ (Water Pollution) । ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ (Soil Pollution)। କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ (Noise Pollution)। ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା - ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀ କୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ (Rainwater Harvesting) ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ Reduce (କମ ବ୍ୟବହାର), Reuse (ପୁନଃ ବ୍ୟବହାର) ଏବଂ Recycle (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# କୁନ୍ତଳା କୁମାରୀ ସାବତ



**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆଜି ଜୁଲାଇ ୧, ଆଜିର ଦିନକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। କାରଣ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ଏହା ପଛର କାରଣ ହେଉଛି ଆଜି ହେଉଛି ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କଙ୍କ ଜନ୍ମଦିନ, ସେ ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିଲେ ଓ ତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ ।

ଭାରତରେ ସର୍ବପ୍ରଥମେ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ଅନେକ ହୁଏତ ଜାଣିନଥିବେ କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି ନଥିଲେ। କବିତା ଲେଖିବା ସହିତ ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଡାକ୍ତର। ତତ୍କାଳୀନ ଓଡ଼ିଶାରେ ନାରୀ ଶିକ୍ଷା ଅତ୍ୟନ୍ତ କଷ୍ଟକର ଥିଲା ଓ ଅନେକ ଆହ୍ୱନପୂର୍ଣ୍ଣ ମଧ୍ୟ ଥିଲା। ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆର୍ବିଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଳପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲିଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢୁଥିଲେ ।

ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ଼କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲିଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଚିକିତ୍ସକ ଦିବସ ଅବସରରେ ତାଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଜୟନ୍ତୀ ପାଳିତ

**ବାଲେଶ୍ୱର,୮ ।୭ :** ସଦର ବ୍ଲକ ଅନ୍ତର୍ଗତ ଓ୍ୱିଜଡମ୍ ଯୁକ୍ତ ଦୁଇ ବିଜ୍ଞାନ କଲେଜ ପରିସରରେ ମୋ ଭାରତ ଯୁବ କେନ୍ଦ୍ର ଓ ଉତ୍କଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି ।ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲ୍ଲା ଅଧିକାରୀ ଅବନୀକାନ୍ତ ଭୂୟାଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ଼. ମୁଖାର୍ଜୀଙ୍କ ଜୀବନାଦର୍ଶ ଓ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମାଜସେବୀ ଆନନ୍ଦ କୁମାର ବେହେରା ଛାତ୍ରଛାତ୍ରୀଙ୍କୁ ମହାପୁରୁଷଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଓଡ୍ରାଫର ସତ୍ୟପ୍ରକାଶ ପଣ୍ଡା କହିଥିଲେ, ଆଜିର ଛାତ୍ରଛାତ୍ରୀ ହିଁ ଆସନ୍ତାକାଲିର ଦେଶର ଭବିଷ୍ୟତ। ସେମାନେ ଉତ୍ତମ ଆଦର୍ଶରେ ପ୍ରେରିତ ହୋଇ କାର୍ଯ୍ୟ କଲେ ଦେଶ ଉନ୍ନତିର ପଥରେ ଆଗେଇବ। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ ନିର୍ଦ୍ଦେଶକ ନିଗମାନନ୍ଦ ପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗାୟତ୍ରୀ ବାରିକ ଓ ସୁକାନ୍ତି ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିକ୍ରମ ବାରିକ, ଅଭିଜିତ ବେହେରା, ଦୀପଶିଖା ଘଡେଇ, ପ୍ରିୟଙ୍କା ଦାସ, ଆଲୋକ ସିଂହ, ଶୁଭଲକ୍ଷ୍ମୀ ପରିଡ଼ାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରୁଜୁ ହୋଇଥିବା ଚୋରି ମାମଲାର ସଫଳ ପର୍ଦ୍ଦାଫାଶ

**ବ୍ରହ୍ମପୁର,୮ ।୭ :** ଜିଆରପି ଥାନା ମାମଲା ନଂ- ୭୧, ତାରିଖ ୦୧.୦୭.୨୦୨୬, ଧାରା ୩୦୫(ସି)/ ୧୧୨ ଭାରତୀୟ ନ୍ୟାୟ ସଂହିତା (BNS) ଅନୁଯାୟୀ ରୁଜୁ ହୋଇଥିବା ଏକ ଚୋରି ମାମଲାର ସଫଳ ପର୍ଦ୍ଦାଫାଶ କରିଛି। ଏହି ମାମଲା ଶ୍ରୀ କେଦାରନାଥ ସବରଙ୍କ ଅଭିଯୋଗ ଆଧାରରେ ରୁଜୁ ହୋଇଥିଲା। ସେ ଭୁବନେଶ୍ୱର ରୁ ରାୟଗଡ଼ ଟ୍ରେନରେ ଯାତ୍ରା ସମୟରେ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ଭ୍ୟାନିଟି ବ୍ୟାଗ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ।

ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ଶ୍ରୀ ବି. ଏନ୍. ମଲ୍ଲିକଙ୍କ ନେତୃତ୍ୱରେ ବ୍ରହ୍ମପୁର ଜିଆରପି ଟିମ୍ ଏବଂ,ଇନ୍ସପେକ୍ଟର ସିଆଇବି/ଆରପିଏଫ୍, ଖୋର୍ଦ୍ଧା ଓ ଆରପିଏଫ ଇନ୍ସପେକ୍ଟର ବିବେକ କୁମାର ବରହମପୁର ର ସହଯୋଗରେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା। ଏବନଗ ତୁରନ୍ତ ଉଭୟ ଟୀମ ଖୋରଦା ରୋଡ ଯାଇ ସେଠାରେ ତଦନ୍ତ ଚଳାଇ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ସ୍ଥିତ ଲୋକୋ କଲୋନୀରେ ଚଢ଼ାଉ କରାଯାଇ ମୁଖ୍ୟ ଅଭିଯୁକ୍ତ ସୁରଜ କୁମାର ପ୍ରସାଦଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

ଅଭିଯୁକ୍ତମାନଙ୍କ ନିକଟରୁ ପ୍ରାୟ ୬୩.୬୨ ଗ୍ରାମ ଚୋରି ହୋଇଥିବା ସୁନା ଅଳଙ୍କାର ଉଦ୍ଧାର କରାଯାଇ ଜବତ କରାଯାଇଛି,ଯାହାର ମୂଲ୍ୟ ବର୍ତ୍ତମାନ ୭,୨୮,୨୧୬ ଟଙ୍କା। ତଦନ୍ତରୁ ଜଣାପଡ଼ିଛି ଯେ ସୁରଜ କୁମାର ପ୍ରସାଦ ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ, ଯେତେବେଳେ ସଞ୍ଜୟ କୁମାର ନାୟକ ଚୋରି ସମ୍ପତ୍ତି ଗ୍ରହଣ କରି ତାହାକୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ।

ଅବଶିଷ୍ଟ ଚୋରି ସାମଗ୍ରୀ ଉଦ୍ଧାର ଏବଂ ଏହି ଅପରାଧରେ ଅନ୍ୟ କାହାର ସମ୍ପୃକ୍ତତା ରହିଛି କି ନାହିଁ, ସେ ସମ୍ପର୍କରେ ତଦନ୍ତ ଜାରି ରହିଛି।

# ଗୁଣି ଗାରିଡିକୁ ନେଇ ଆତ୍ମହତ୍ୟା କଲେ ବୋହୂ

**ବସ୍ତା,୮ ।୭ :** ନିମପଦା ଗ୍ରାମ ର ଝଡ଼େଶ୍ୱର ଦାସ ଙ୍କ ଝିଅ ପୂଜା ସହିତ ବୈଦିକ ରୀତି ନୀତି ଅନୁଯାୟୀ ତିନି ବର୍ଷ ତଳେ ବାହାଘର ହୋଇଥିଲା। ବାହାଘର ପରେ ସ୍ୱାମୀ ସ୍ତ୍ରୀ ଭଲ ରେ ଥିବା ବେଳେ ଉଭୟେ ହାଇଦ୍ରାବାଦ ରେ ରହୁଥିଲେ। ତେବେ ସ୍ୱାମୀ ସ୍ତ୍ରୀ କୁ ଆଣି ଘରେ ଛାଡି ଦେଇ ଯିବା ପରେ, ପୂଜାକୁ ଭୁତ ଲାଗିଥିବା କହି, ଶାଶୁ, ଶ୍ୱଶୁର, ନଣନ୍ଦ,ନଣଦେଇ,ଦେଢଶୁର ଗୁଣିଆ ଆଣି ଫୁଙ୍କା ଝଡ଼ା କରିଥିଲେ ଏବଂ ବାରମ୍ବାର ବୋହୂ କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏଥିରେ ପୂଜା ବିରକ୍ତ ହୋଇ ଗତକାଲି ଲୁଚି ଲୁଚି ବାପା ଘରକୁ ଚାଲିଯାଇଥିଲେ। ଶ୍ୱଶୁର ଏହା ଜାଣି ସମୁଦୀ କୁ ଝିଅ ର ହାତ ଗୋଡ ବାନ୍ଧି ଆଣିବାକୁ କହିଥିଲେ। ଏଥିରେ ବାଧ ହୋଇ ଝିଅ ର ମା ଝିଅ କୁ ଧରି ରାତି ରେ ଆସିବା ପରେ ଗୁଣିଆ ରାତି ସାରା ପୂଜା ଅର୍ଚ୍ଚନା କରିଥିଲେ। ତେବେ ସକାଳ ସମୟରେ ଘରେ ସମସ୍ତେ ଗାଧୁଆ ପାଇଁ ଯାଇଥିବା ବେଳେ ଗୁଣିଆ ଓ ବୋହୂ ଘରେ ରହିଥିଲେ। କିଛି ସମୟର ବ୍ୟବଧାନ ପରେ ବୋହୂ ର ଝୁଲନ୍ତା ଶରୀର ଘର ଭିତରେ ଝୁଲୁ ଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ମେଡିକାଲ କୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ. ଏସବୁ ଘଟଣା କୁ ନେଇ ବାପା ଘର ପକ୍ଷରୁ ଗୁଣିଆ କୁ ଲଗାଇ ହତ୍ୟା କରାଯାଇଥିବା ଥାନା ରେ ଅଭିଯୋଗ କରିବା ପରେ ପୋଲିସ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଶବ କୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଇ ଥିବା ଜଣାପଡିଛି।

# କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

**ବ୍ରହ୍ମପୁର,୮ ।୭ :** ବ୍ରହ୍ମପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା ଓ କଳାକାର ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମର ସଭାଗୃହରେ ପ୍ରତିଷ୍ଠାନର ସଭାପତି ଇ ଅରୁଣ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ 'କଳାକାର ସମ୍ବର୍ଦ୍ଧନା ଉତ୍ସବ' ଆୟୋଜିତ ହୋଇସାରିଛି । ଗତ ଜୁଲାଇ ୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳକ୍ଷ ମଣ୍ଡପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରା ଉତ୍ସବରେ ନାଟ୍ୟକାର ଲିଙ୍ଗରାଜ ନାହାକଙ୍କ ରଚିତ ଏବଂ ନାଟ୍ୟପ୍ରଦୀପ ମଦନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବାଘ' ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ନାଟକରେ ଅଭିନୟ କରିଥିବା କଳାକାର ମନୋଜ ଦଣ୍ଡପାଟ, ଡ ମିହିର ତ୍ରିପାଠୀ, ଭକ୍ତି ସୁଦନ ରଥ, ବଳରାମ ମାଳି, ମଧୁ ସୁଦନ ସାହୁ, ଗୋକୁଳ ପଣ୍ଡା ଏବଂ ପ୍ରିତୀମଞ୍ଜରୀ ପ୍ରତିନିଧିଙ୍କ ସମେତ ସଂଗୀତ ନିର୍ଦ୍ଦେଶକ ଚିଣ୍ଟୁ ମହାପାତ୍ର, କଣ୍ଠଶିଳ୍ପୀ ସନ୍ତୋଷ ବେହେରା, ଚାଙ୍ଗୁ ବାଦ୍ୟକାର ସନ୍ତୋଷ ମାଝୀ, ମଞ୍ଚ ନିର୍ଦ୍ଦେଶକ ସତ୍ୟ ମହାରଣା, ନାଟ୍ୟକାର ଲିଙ୍ଗରାଜ ନାହାକ ଏବଂ ନିର୍ଦ୍ଦେଶକ ମଦନ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବ୍ୟବସ୍ଥାପକ ରବୀନ୍ଦ୍ର କୁମାର ନାୟକ, ତ୍ରିପତି ନାୟକ, ସରୋଜ କୁମାର ବାରିକ, ସୁଶ୍ରୀ ଯୋଗେଶ୍ୱିନୀ ଗୌଡ଼ ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ବ୍ରହ୍ମପୁର ସାମ୍ବାଦିକ ସଂଘର ସଭାପତି ଅଶୋକ ବ୍ରହ୍ମା, ଓଡିଶା ନାଟ୍ୟସଂଘର (ଦକ୍ଷିଣାଞ୍ଚଳ) ଉପସଭାପତି ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଳାକାର ସଂଘର ସଭାପତି ଶଙ୍କର୍ଷଣ ସାବତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଏନ. ରାମବାବୁ, ସରୋଜ ପଣ୍ଡା, ସୁଜ୍ଞାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଧୋଇଗଲା ଖଜୁରୀପଡା ବୁଢାରକାଦି ପୋଲ

**ଫୁଲବାଣୀ,୮ ।୭ :** କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଅରାପାଜୁ ଗ୍ରାମ ପଞ୍ଚାୟତ ର ବୁଢା ରାକଡି ଗ୍ରାମ ସ୍ଥିତ ପୋଲୋ ଲଗାଣ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଛି । ଫୁଲବାଣୀରେ ୪ ଦିନରେ ୨୨୪ ମିଲିମିଟର ବର୍ଷା ହୋଇଥିବା ବେଳେ ଖଜୁରୀପଡା ରେ ୨୭୬ ମିଲି ମିଟର ବୃଷ୍ଟିପାତ ରେକର୍ଡ ହୋଇଛି । ଫଳରେ ଖଜୁରୀପଡା ର ଛୋଟ ବଡ଼ ପୋଲୋ ଭାଙ୍ଗି ଯାଇଥିବା ବେଳେ ବୁଢାରାକାଡି ପୋଲୋ ସମ୍ପୂର୍ଣ୍ଣ ଧୋଇ ହୋଇଯାଇ ପୋଲା ହୋଇଯାଇଛି । ଯାହା ଫଳରେ ଏକ ବିପଦ ସଂକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ବାଇକ ଓ ସ୍କୁଟି କୁ ଛାଡି ଦେଲେ ବଡ଼ ଚାରିଚକିଆ ଜାନ ଯାତାୟାତ ଠପ ହୋଇଯାଇଛି । ଯାହା ଫଳରେ ଖଜୁରୀପଡା ଓ ଅରାପାଜୁ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ଆଂଶିକ ବାଧାପ୍ରାପ୍ତ ହୋଇଛି ବୋଲି ବରିଷ୍ଠ ସାମ୍ବାଦିକ ସୁନୀଲ ବିଶ୍ୱାଳ ପ୍ରକାଶ କରିଛନ୍ତି । ତୁରନ୍ତ ମରାମତି କରିବା ପାଇଁ ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ ଙ୍କ ପ୍ରତିନିଧି ଅନନ୍ତ କୁମାର ଦିଗାଲ ଦାବୀ କରିଛନ୍ତି ।

# ଜାଭିୟର୍ସ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ ସହ ପରିବେଶର ସୁରକ୍ଷା ନେଇ ସଚେତନତା

**ବ୍ରହ୍ମପୁର,୮ ।୭ :** ଜୁଲାଇ ୧ ରୁ ୭ ତାରିଖ ଯାଏଁ ବନ ମହୋତ୍ସବ ପାଳନ ପରିପେକ୍ଷୀରେ ମିନାକ୍ଷୀ ନଗର ସ୍ଥିତ ସେଣ୍ଟ୍ ଜାଭି ୟର୍ସ ହାଇସ୍କୁଲର ସ୍କାଉଟ , ଗାଇଡ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନଙ୍କ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ସ୍କୁଲ ପରିସରରେ ବୃକ୍ଷ ରୋପଣ କରିବା ସହ ପରିବେଶର ସୁରକ୍ଷା ନେଇ ରାଲୀ ମାଧ୍ୟମରେ ସଚେତନ କରିଥିଲେ । ଛାତ୍ରଛାତ୍ରୀମାନେ ଏପରି ସାମୂହିକ ଭାବେ ବୃକ୍ଷ ରୋପଣ କରି ଖୁସି ଅନୁଭବ କରିଥିଲେ । ମୁଖ୍ୟ ଅତିଥି ରୂପେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଯୋଗ ଦେଇ ବୃକ୍ଷ ରୋପଣ କାୟ୍ୟକ୍ରମ ର ଶୁଭାରମ୍ଭ କରି ଛାତ୍ରଛାତ୍ରୀ ମାନଙ୍କୁ ଆଜିର ଯୁଗରେ ବୃକ୍ଷ ରୋପଣ ର ଆବଶ୍ୟକତା ନେଇ ସୂଚନା ଦେଇଥିଲେ । ପ୍ରତ୍ୟେକ

ମଣିଷ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବା ଉଚିତ ବୋଲି ସେ କହିବା ସହ ବନ ମହୋତ୍ସବ ପାଳନ ନେଇ ନିଜର ମତ ଉପସ୍ଥାପନ କରିଥିଲେ ।ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ଦଳେଇ ଓ ଶିକ୍ଷକ ଅଭିଳାଶ ଶିକା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏପରି ବନ ମହୋତ୍ସବ ପାଳନ ଲାଗି ନିର୍ଦ୍ଦେଶକ କୁନାଲ୍ କୌଶିକ ପଣ୍ଡା, ରାହୁଲ୍ ରାଜ ପଣ୍ଡା , ଅଧକ୍ଷ କାହ୍ନୁ ଚରଣ ପଣ୍ଡା ଓ ଉପାଧକ୍ଷ ପ୍ରକାଶ ପଲାଇ, ହରବିନ୍ଦର କୌର, ସୌମ୍ୟା ସ୍ୱାଗତିକା ସଭିଙ୍କୁ ସାଧୁବାଦ୍ ଜଣାଇଥିଲେ ।ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହ ଯୋଗ କରିଥିଲେ ।

# କରଡି ପାଇଁ ବାଉଁଶ ଜଙ୍ଗଲ ନଷ୍ଟ ହେଉଛି

**କଳାହାଣ୍ଡି,୮ ।୭ :** ବାଉଁଶ ଗଜା ବା କରଡିର ବଢୁଥିବା ଚାହିଦା ଯୋଗୁଁ କଳାହାଣ୍ଡି ଜିଲ୍ଲାର ବାଉଁଶ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। କରଡି ସଂଗ୍ରହ ଓ ବ୍ୟବସାୟ ଯୋଗୁଁ ଜିଲ୍ଲାରେ ବାଉଁଶ ବଣ ଦ୍ରୁତଗତିରେ ଲୋପ ପାଉଥିବା ବେଳେ ବନ ବିଭାଗର ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଏକଦା କଳାହାଣ୍ଡି ଜିଲ୍ଲା ବାଉଁଶ ବଣରେ ପରିପୂର୍ଣ୍ଣ ଥିଲା। ଏଠାରୁ ପ୍ରତିଦିନ ଶହ ଶହ ଟ୍ରକ ବାଉଁଶ ଜିଲ୍ଲା ବାହାରକୁ ଚାଲାଣ ହେଉଥିଲା। କିନ୍ତୁ ବର୍ତ୍ତମାନ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ କେବଳ କୋକସରା ଓ ଗୋଲାମୁଣ୍ଡା, ଥୁଆମୂଳ ରାମପୁର ବ୍ଲକର କେତେକ ସ୍ଥାନରେ ଅବଶିଷ୍ଟବାଉଁଶ ଜଙ୍ଗଲ ରହିଛି ।ବର୍ଷା ଋତୁରେ ବାହାରୁଥିବା ବାଉଁଶ ଗଜା ବା କରଡି କେଉଁ କାଳରୁ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ପାଲଟିଥିବା ବେଳେ ବର୍ତ୍ତମାନ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଏହାର ଚାହିଦା ବଢ଼ିଛି। ତେଣୁ ବେଧଡ଼କ କରଡି କାଟି ବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଛି। ଏହା ଫଳରେ ବାଉଁଶ ଗଛର ସ୍ୱାଭାବିକ ବଂଶବୃଦ୍ଧି ବାଧାପ୍ରାପ୍ତ ହେଉଥିବାରୁ ବାଉଁଶ ଜଙ୍ଗଲ କ୍ରମଶଃ କମିବାରେ ଲାଗିଛି ।ବାଉଁଶ କେବଳ କାଗଜ ଶିଳ୍ପ ନୁହେଁ, ଘର ନିର୍ମାଣ, ଆସବାବପତ୍ର ଓ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତିରେ ମଧ୍ୟ ବ୍ୟାପକ ବ୍ୟବହୃତ ହୋଇଆସୁଛି। ଦିନ ଥିଲା ଜିଲ୍ଲା ରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବାଉଁଶ ଜଙ୍ଗଲ ଥିବାବେଳେ ବର୍ତ୍ତମାନ ତାହା ପ୍ରାୟ ୫୦ ହଜାର ହେକ୍ଟରକୁ ଖସି ଆସିଥିବା ସୂଚନା ମିଳିଛି। ବନ ବିଭାଗ ପାଖରେ ସଠିକ ତଥ୍ୟ ନଥିଲେ ମଧ୍ୟ ଜିଲ୍ଲା ବନ ଅଧିକାରୀ ପ୍ରାୟ ୫୦ ହଜାର ହେକ୍ଟର ବାଉଁଶ ଜଙ୍ଗଲ ରହିଥ ?ବା ଆକଳନ କରିଛନ୍ତି। ବାଉଁଶର

ଅଭାବ ଯୋଗୁଁ ଜିଲ୍ଲା ଓ ଜିଲ୍ଲା ବାହାରର ଅନେକ କୁଶଳୀ କାରିଗର ମଧ୍ୟ ପ୍ରଭାବିତ ହୋଇଛନ୍ତି। ବାଉଁଶ ନ ମିଳିବାରୁ ସେମାନଙ୍କର ହସ୍ତଶିଳ୍ପ ଓ ଆସବାବପତ୍ର ନିର୍ମାଣ କାମ ପ୍ରାୟ ବନ୍ଦ ହୋଇଯାଇଛି। ଏପରିସ୍ଥିତିରେ ବାଉଁଶ ଜଙ୍ଗଲର ପୁନରୁଦ୍ଧାର ଲାଗି ବିପୁଳ ଅର୍ଥ ବ୍ୟୟ ହେଲେ ମଧ୍ୟ ସଫଳତା ମିଳିବା କଷ୍ଟକର ବୋଲି କୁହାଯାଉଛି। ସୂଚନା ଥାଉକି ଭାରତୀୟ ଜୀବ କଲ୍ୟାଣ ବୋର୍ଡର ଜୀବ ମଙ୍ଗଳ ଅଧିକାରୀ ରାମକୃଷ୍ଣ ଚୌଧୁରୀ କରଡି ବ୍ୟବସାୟ ଉପରେ ତୁରନ୍ତ ରୋକ ଲଗାଇବାକୁ ଜିଲ୍ଲା ବନ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। ବର୍ତ୍ତମାନ କଳାହାଣ୍ଡି ର ଅଧିକାଂଶ , ବ୍ଲକରେ ବାଉଁଶ ଜଙ୍ଗଲ ନାହିଁ କହିଲେ ଚଳେ। ବାଉଁଶ ଜଙ୍ଗଲର ସୁରକ୍ଷା ଓ ପୁନଃ ସୃଷ୍ଟି ଲାଗି ମଧ୍ୟ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ହେଉନଥିବାରୁ ସମ୍ପୂର୍ଣ୍ଣ ବିଲୁପ୍ତ ହେବାରେ ଆଶଙ୍କା କରାଯାଉଛି।

# କୃତି ଛାତ୍ର ଛାତ୍ରୀଙ୍କ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୮ ।୭ :** ସରକାରୀ କୁଇନ ଅଫ ଦି ମିଶନ୍ ସ ହାଇସ୍କୁଲର ବିଭିନ୍ନ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ପାଇଁ ପୁରସ୍କାର ବିତରଣ ଉତ୍ସବ ତା ୦୭.୦୭.୨୦୨୬ ମଙ୍ଗଳବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଲୁମିନି-୭୭ ସୌଜନ୍ୟରେ ମାଧ୍ୟମିକ (HSC) ପରୀକ୍ଷା ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦୁଇ ଛାତ୍ର, ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ , ବିଜ୍ଞାନ ଓ ଗଣିତ ବିଷୟରେ ସର୍ବାଧିକ ନମ୍ବର ହାସଲ କରିଥିବା ଛାତ୍ର ଓ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ରେ ନବମ ଶ୍ରେଣୀ, ଅଷ୍ଟମ ଶ୍ରେଣୀ, ସପ୍ତମ ଶ୍ରେଣୀ, ଷଷ୍ଠ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର ଓ ଟ୍ରଫି ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତି ରେ ପ୍ରଦାନ କରାଯାଇଛି। ଦୁଇ ନବାଗତ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇ ଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ହରେକୃଷ୍ଣ ପଣ୍ଡା ଓ ସେବା ନିବୃତ୍ତ ବରିଷ୍ଠ ଶିକ୍ଷକ ଶ୍ରୀ କୈଳାସ ଚନ୍ଦ୍ର ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ସମାରୋହର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ କୃତିତ୍ୱକୁ ସ୍ୱୀକୃତି ଦେବା, ସେମାନଙ୍କୁ ଉତ୍ସାହିତ କରିବା ଏବଂ ବିଦ୍ୟାଳୟ ପରିବାରରେ ନୂତନ ଭାବେ ଯୋଗଦେଇଥିବା ପ୍ରାୟ ୧୨୦ ଜଣ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା। ଏହି ସମ୍ମାନ ସମାରୋହ ଆଲୁମିନି -୭୭ ର ଆବାହକ ଶ୍ରୀ ଏମ ଅକ୍ଷୟ ପରିଚାଳନା କରି ଇକ୍ଷଙ୍କଙ୍କସଭସ-୭୭ ଦ୍ୱାରା ନିଆ ଯାଉଥିବା ଅନ୍ୟାନ୍ୟ କାର୍ଯକ୍ରମ ବିଷୟ ରେ ସୂଚନା ଦେଇଥିଲେ। ଏହି ଉତ୍ସବ ରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ,ଅଭିଭାବକ, ପରିଚାଳନା କମିଟି ସଭାପତି ଓ ଆଲୁମିନି-୭୭ ର ବନ୍ଧୁଗଣ ଯୋଗ ଦେଇଥିଲେ।

# ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନମହୋତ୍ସବ ସପ୍ତାହ

**ବ୍ରହ୍ମପୁର,୮ ।୭ :** ଜୁଲାଇ ମାସର ପ୍ରଥମ ସପ୍ତାହ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ ସପ୍ତାହ ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ଆଶ୍ରମ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ସହଯୋଗରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ 'ବୃକ୍ଷ ହିଁ ଜୀବନ', "Adopt a Tree" ଏବଂ "DOOR-TO-DOOR TREE PLANTATION DRIVE' ଭଳି ଅଭିଯାନ ମାଧ୍ୟମରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅଭିଯାନ ସମୟରେ ଅନେକ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ତାହାର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ବ୍ରହ୍ମପୁରର ମୁଖ୍ୟ ଶ୍ରୀ ରାକେଶ ପୃଷ୍ଟି, ୟୁଥ୍ ହଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବ୍ରହ୍ମପୁର ଶାଖା)ର ଶ୍ରୀ ପଦ୍ମନାଭ ଦାଭେ, ଆଇସିଏଆଇ (ସି.ଏ.) ବ୍ରହ୍ମପୁର ଶାଖାର ଶ୍ରୀ ସୀତାରଜନୀ, ହରିପୁର ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରି ଶ୍ରୀ ରାଧା ରାଣୀ ବେହେରା (ହରିପୁର), ସାବରୀମାତା ଆଶ୍ରମର ଶ୍ରୀ ନଗେନ୍ଦ୍ରନାଥ ମହାରଣା ଏବଂ ରୁବୀ ହସ୍ପିଟାଲ, ଚିକିଟିର ଡ଼ଃ ବି. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ସଂସ୍ଥା ଓ ସଙ୍ଗଠନର ପ୍ରତିନିଧିମାନେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ପି. ଭିନୋଦ, ଏ. ପ୍ରକାଶ, ସୋହନ କୁମାର,ଦୀପକ ପାତ୍ର,ସବ୍ୟସାଚୀ ପଣ୍ଡା,ରବି କୁମାର ସାହାଣୀ, ଅଜୟ କୁମାର ସାହୁ,ବିରାଜ ପ୍ରସାଦ ପାତ୍ର, ସଞ୍ଜୟ କୁମାର ସାମନ୍ତରାୟ ଏବଂ ସ୍ନେକ୍ ହେଲ୍ପଲାଇନର ସଦସ୍ୟ ଶ୍ରୀ ସ୍ୱାଧୀନ କୁମାର ସାହୁ ପ୍ରମୁଖ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ଶିବରାମ ପାଣିଗ୍ରାହୀ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ସାମାଜିକ ଦାୟିତ୍ୱ।

# ଦୁଇମାସ ନ ପୁରୁଣୁ ରାସ୍ତାର ଅବସ୍ଥା ଶୋଚନୀୟ

**କେନ୍ଦ୍ରାପଡ଼ା,୮ ।୭ :** ବ୍ଲକ୍ ଅନ୍ତର୍ଗତ ଦୁହୁରିଆ ଓମ୍ପେଡ୍ ଛକରୁ ତରାପୁର ଚକ୍ରୋଡା କେନାଲ ବନ୍ଧକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଏକ ରାସ୍ତା ଦୁହୁରିଆ ପାଟ ପୋଲ ର ଦ୍ୱିକ୍ଷିକ ସଂଯୋଗ ରାସ୍ତା ୯୦ ପ୍ରତୀସତ ନଷ୍ଟ ହୋଇଯାଇ ଥିବାର ଦେଖାଯାଉଛି। ପ୍ରକାଶ ଥାଉକି ଉକ୍ତ ରାସ୍ତାଟି ଗତ ମାସରେ ପୂର୍ତ୍ତ ବିଭାଗ ଦ୍ୱାରା ନିଲାମ କରାଯାଇ କାମ ହୋଇଥିଲା । ଏହି ରାସ୍ତା ରେ ଦୈନିକ ୧୦ ରୁ ୧୫ ପଞ୍ଚାୟତ ର ଲୋକ କାରବାର କରିଥାନ୍ତି । ବିଡମ୍ବନା ର ବିଷୟ ଯେ ପୂର୍ତ୍ତ ବିଭାଗର ନିଷ୍କ୍ରିୟ ତା ସାଙ୍ଗକୁ ଠିକାଦାର ଙ୍କ ମନମାନିରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ଆଜି ଅନେକ ଅସୁବିଧାର ର ସମ୍ମୁଖୀନ ହେଉଛନ୍ତି । ତେବେ ସେହି ଦିପାକ୍ଷିକ ସଂଯୋଗ ରାସ୍ତା କୁ ତୁରନ୍ତ ଠିକ୍ କରିବାକୁ ସାଧାରଣ ଲୋକଙ୍କ ଦାବୀ ହେଉଛି ।

# ପନ୍ଦର ଆଦିବାସୀ ଗ୍ରାମର ଦୁଃଖ ଜାମୁଗଣ୍ଡ ନାଳ

- ଶୁଣିଲାନି ପ୍ରଶାସନ , ନିଜେ କାଠ ପୋଲ ତିଆରି କଲେ ଆଦିବାସୀ
- ଜାମୁଗଣ୍ଡ ନାଳ ଉପରେ ଗଢ଼ିଲେ ଅସ୍ଥାୟୀ ପୋଲ

**ବ୍ରହ୍ମପୁର,୮ ।୭ :** ବର୍ଷା ଋତୁ ଆସିଲେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଦୁର୍ଗମ ବୁରାଡାଲ ପଞ୍ଚାୟତ ଅଧୀନ ପନ୍ଦରଟି ଆଦିବାସୀ ଗ୍ରାମର ଜନଜୀବନ ପ୍ରାୟ ଠପ୍ ହୋଇଯାଏ। ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ମହେନ୍ଦ୍ରତନୟା ନଦୀର( ଜାମୁଗଣ୍ଡ ନାଳ )ଉପରେ ସ୍ଥାୟୀ ପୋଲ ନଥିବାରୁ ପ୍ରତିବର୍ଷ ବର୍ଷା ଦିନରେ ଯାତାୟାତ ଗୁରୁତର ଭାବେ ବ୍ୟାହତ ହେଉଛି। ବର୍ଷ ବର୍ଷ ଧରି ସ୍ଥାୟୀ ପୋଲ ନିର୍ମାଣ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ଶେଷରେ ସରକାରୀ ସହାୟତାକୁ ଅପେକ୍ଷା ନକରି ଆଦିବାସୀମାନେ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ସଂଗ୍ରହ କରି ଜାମୁଗଣ୍ଡ ନାଳ ଉପରେ କାଠ ପକାଇ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଏହି ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଥିବା ବେଳେ ପ୍ରଶାସନର ଉଦାସୀନତାକୁ ମଧ୍ୟ ପଦାରେ ପକାଇଛି। ବର୍ତ୍ତମାନ ଏହି କାଠ ପୋଲ ହିଁ କମଳାଖତ, ନୂଆସାହି, ଜେନାସାହି, ସାନ ଅଞ୍ଜୁପା, ବଡ଼ ଅଞ୍ଜୁପା,



ମୁଣ୍ଡେଇସିଙ୍ଗି, କୁସୁମଳା, ମଇଁଷିଖତ, ବଡ଼ ସଛାରୁ, ସାନ ସଛାରୁ, କାନ୍ତିଗାଁ, ବଡ଼ ଅଞ୍ଜାଗୁଳି, ସାନ ଅଞ୍ଜାଗୁଳି, ବିଲୁଗାଁ ଓ ସାନଗାଁ ସମେତ ପନ୍ଦରଟି ଦୁର୍ଗମ ଆଦିବାସୀ ଗ୍ରାମର ଲୋକଙ୍କ ଏକମାତ୍ର ଭରସା ପାଲଟିଛି। ଦୈନନ୍ଦିନ ଜୀବନର ପ୍ରତ୍ୟେକ ଆବଶ୍ୟକତା ପାଇଁ ସେମାନଙ୍କୁ ଏହି କାଠ ପୋଲ ଉପରେ ନିର୍ଭର କରିବାକୁ ପଡୁଛି। ହସ୍ପିଟାଲକୁ ରୋଗୀ ନେବା, ରାସନ ସାମଗ୍ରୀ ଆଣିବା, ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଗ୍ରହଣ, ହାଟବଜାରକୁ ଯିବା, ବ୍ୟାଙ୍କ କାମ କରିବା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ ସହ ସମସ୍ତ ସରକାରୀ ସେବା ପାଇଁ ଏହି ପୋଲ ହିଁ ଏକମାତ୍ର ସଂଯୋଗ ମାଧ୍ୟମ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଜାମୁଗଣ୍ଡ ନାଳରେ ବର୍ଷା ଦିନରେ ପ୍ରବଳ ସ୍ରୋତ ଯୋଗୁଁ ଅନେକ ଦୁର୍ଘଟଣା ଘଟିଛି। ବଢ଼ି ପାଣିରେ ଭାସି ସୋମନାଥ ଭୂୟାଁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକଥର ବିଦ୍ୟାଳୟ ପଢୁଆ ପିଲାମାନେ ରଶି ଧରି ଜୀବନକୁ ବାଜି ଲଗାଇ ନାଳ ପାର ହେଉଥିବା ଦୃଶ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀଙ୍କୁ ହସ୍ପିଟାଲକୁ ନେବା ବେଳେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତ୍ୟେକ ଅଘଟଣ ପରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରି ଫେରିଯାଉଥିଲେ ମଧ୍ୟ ସ୍ଥାୟୀ ପୋଲ ନିର୍ମାଣ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଏହି ପନ୍ଦରଟି ଗ୍ରାମର ସମସ୍ତ ବାସିନ୍ଦା ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଦୈନିକ ମଜୁରି, ଚାଷବାସ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭରଶୀଳ। ଯାତାୟାତ ସୁବିଧାର ଅଭାବ ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସରକାରୀ ଯୋଜନାର ସୁବିଧା ପାଇବାରେ ସେମାନେ ଦୀର୍ଘଦିନ ଧରି ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି, ଜାମୁଗଣ୍ଡ ନାଳ ଉପରେ ଏକ ସ୍ଥାୟୀ କଂକ୍ରିଟ ପୋଲ ନିର୍ମାଣ କରାଗଲେ କେବଳ ପନ୍ଦରଟି ଦୁର୍ଗମ ଆଦିବାସୀ ଗ୍ରାମର ଲୋକେ ଯାତାୟାତ ସମସ୍ୟାର ସମାଧାନ ହେବ ନାହିଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବ୍ୟବସାୟ ଓ ସାମଗ୍ରିକ ବିକାଶର ନୂଆ ଦିଗ ଖୋଲିବ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଅବିଳମ୍ବେ ପଦକ୍ଷେପ ନେଇ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି।

### ରଥଯାତ୍ରାକୁ ନେଇ ସାଇଲୋରେ ଜୋରଦାର ପ୍ରସ୍ତୁତି

# ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଫୋକସ୍

- ପୁଲିସ, ଅଗ୍ନିଶମ, ମଠ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରତିନିଧିଙ୍କ ମିଳିତ ପ୍ରସ୍ତୁତି

**ଜଗତସିଂହପୁର,୮ ।୭ :** ଆସନ୍ତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଭକ୍ତିମୟ, ଶୃଙ୍ଖଳିତ ଓ ନିରାପଦ ପରିବେଶରେ ସମ୍ପନ୍ନ କରିବାକୁ କୁଜଙ୍ଗ ବ୍ଲକ ପ୍ରମୁଖ ବାଣିଜିକ କେନ୍ଦ୍ର ରାହାମା ଠାରେ ଶ୍ରୀ ଶ୍ରୀ ମଦନମୋହନ ଜୀଉ ମଠରେ ପ୍ରସ୍ତୁତି ଜୋରଦାର ହୋଇଛି। ରଥଯାତ୍ରାର ସଫଳ ଆୟୋଜନ ପାଇଁ ମଠ ପରିଚାଳନା ପରିଷଦ, ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ ବୈଠକରେ ସୁରକ୍ଷାଠାରୁ ଆରମ୍ଭ କରି ଭକ୍ତଙ୍କ ସୁବିଧା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରସଙ୍ଗ ଉପରେ ଖୁବ୍ ବିସ୍ତୃତ ଆଲୋଚନା ହୋଇଛି। ମଠ ପରିଚାଳନା ପରିଷଦର ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରଥଯାତ୍ରାର ସୁଚାରୁ ପରିଚାଳନା, ରଥଟାଣ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ପରିମଳ, ପାନୀୟ ଜଳ, ଆଲୋକୀକରଣ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ ଜରୁରୀକାଳୀନ ସେବା ସମ୍ପର୍କରେ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପରିଷଦର ସମ୍ପାଦକ ଡ଼. ସୁନାକର ବେହେରା ରଥଯାତ୍ରାକୁ ଅଧିକ ଆକର୍ଷଣୀୟ ଓ

ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ସମସ୍ତଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିଥିଲେ। କୁଜଙ୍ଗ ରାଜପରିବାରର ମଣ୍ଡଳ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ଉପସ୍ଥିତ ରହି ରଥଯାତ୍ରାର ପାରମ୍ପରିକ ଗରିମା ବଜାୟ ରଖି ସମସ୍ତଙ୍କ ସହଯୋଗରେ ଉତ୍ସବକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଜୟ କୁମାର ଦାସ, ଥାନା ଅଧିକାରୀ ବଂଶୀଧର ପ୍ରଧାନ ଏବଂ ଅଗ୍ନିଶମ ଅଧିକାରୀ ସୁଶାନ୍ତ ଦାସ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଅଗ୍ନି ନିରାପତ୍ତା ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ଭିକାରୀ ଚରଣ ସେନାପତି, ଶରତ ଚନ୍ଦ୍ର ସାହୁ, ଶିଶିର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ବଂଶୀଧର କୁଣ୍ଡୁ, ଆଶୁତୋଷ ଲେଙ୍କା, ଶ୍ରୀକାନ୍ତ ଶତପଥୀ, ସୁରେନ୍ଦ୍ରନାଥ ମିଶ୍ର, ସ୍ୱର୍ଣ୍ଣପ୍ରଭା ଦାସ ମାତା, ପୂଜକ ତପନ କୁମାର ପତିଙ୍କ ସମେତ ବହୁ ସେବକ, ଜନପ୍ରତିନିଧି, ସମାଜସେବୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବୈଠକ ଶେଷରେ ସମସ୍ତଙ୍କ ସମନ୍ୱିତ ପ୍ରୟାସରେ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଭବ୍ୟ ଭାବେ ସମ୍ପନ୍ନ କରିବାକୁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତାହାତୀ



**ବଣାଇଁ,୮ ।୭ :** ପଡ଼ୋଶୀ ଘରୁ ସକାଳୁ ସକାଳୁ ନିଜ ଘରକୁ ଫେରୁଥିବା ବେଳେ ବୃଦ୍ଧ ଙ୍କୁ ଶୁଣ୍ଡରେ ଟେକିନେଇ କଚାଡ଼ି ମାରିଲା ଦନ୍ତା ହାତୀ। ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ ଯାମୁଡ଼ି ସେକ୍ସନ ର ଡିମ୍ବାଟୋଲା ରେ ଅଘଟଣ । ହାତୀ ଭୟରେ ବୃଦ୍ଧ ଜଣକ ପଡ଼ୋଶୀ ଘରେ ଶୋଇ ନିଜ ଘରକୁ ଆଜି ସକାଳୁ ସକାଳୁ ଫେରୁଥିବା ବେଳେ ଦନ୍ତା ହାତୀ ଶୁଣ୍ଡରେ ଟେକି ନେଇ କଚାଡ଼ି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଡିମ୍ବାଟୋଲା ବସ୍ତିର ଯାଲୁଆ ଓରାମ । ଜାଲୁଆଙ୍କ ପରିବାର କୌଣସି ବ୍ୟକ୍ତି ବିଶେଷ ନଥିବା ବେଳେ ଘଟଣା ସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚିଥିବା ଅଧିକ ତଦନ୍ତ ଚଳାଇଛନ୍ତି। ସେପଟେ ହାତୀ ଆକ୍ରମଣକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଛି ।

### ବିଭିନ୍ନ ଲୋକଙ୍କ ଠାରୁ ଅର୍ଥ ଉଧାର ନେଇ ଫେରାର ଥିବା ମହିଳା

# ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡ଼ି ପୋଲିସକୁ ହସ୍ତାନ୍ତର

**ବସ୍ତା,୮ ।୭ :** ବସ୍ତା ପୋଲିସ ଉଦ୍ଧାର କଲା ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଉଧାର ନେଇ ଗତ ୩ବର୍ଷ ଧରି ଫେରାର ଥିବା ଜଣେ ମହିଳାଙ୍କୁ ଆଜି ଭେଲୋରା ଓଡିଶା ଗ୍ରାମୀଣ ବ୍ୟାଙ୍କ ଆଗରୁ ସ୍ଥାନୀୟ ଲୋକେ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ବସ୍ତା ବ୍ଲକ ଭେଲୋରା ଗ୍ରାମର ସଂଯୁକ୍ତା ଜେନା(ଡଲି) ନାମକ ମହିଳା ଜଣକ ଗ୍ରାମର ପ୍ରାୟ ୨୦ ରୁ ଅଧିକ ଲୋକଙ୍କ ଠାରୁ ବ୍ୟବସାୟରେ ଅଧିକ ଲାଭ ଦେବା ପ୍ରତିଶ୍ରୁତି ଦେଇ ପ୍ରାୟ ୧୨ ଲକ୍ଷ ଟଙ୍କା ଉଧାର ନେଇଥିଲେ। ଟଙ୍କା ନେବା ପରେ ସେ ଫୋନ୍ ସୁଇଚ୍ ଅଫ୍ କରି ଭଡା ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲା ।ଆଜି ସକାଳେ

ସେ ଉକ୍ତ ବ୍ୟାଙ୍କକୁ ନିଜର କେୱାଇସି କରିବା ପାଇଁ ଆସିଥିଲେ। ବ୍ୟାଙ୍କ ଆଗରେ ତାଙ୍କୁ ଦେଖି ଜଣେ ପାଉଣାଦାର ଚିହ୍ନିଥିଲେ। ସେ ଚିତ୍କାର କରିବା ପରେ ଆଖପାଖର ଲୋକେ ଏକାଠି ହୋଇ ମହିଳାଙ୍କୁ ହଟହଟା କରିଥିଲେ। ଖବର ପାଇ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଜଣେ ପାଉଣାଦାର କହିଲେ, ମତେ କହିଥିଲେ ମାସକୁ ୫ପ୍ରତିଶତ ସୁଧ ଦେବେ, ବିଶ୍ୱାସ କରି ମୋ ସ୍ୱାମୀଙ୍କୁ ନଜଣାଇ ପଇସା ଦେଇଥିଲି ମାତ୍ର, ଡଲି ଫେରାର ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ଲାଗି ୨ବର୍ଷ ହେଲା ମୋ ସ୍ୱାମୀ ଘରକୁ ଆସୁନାହାନ୍ତି, ଏବେ ଘର ଚଳାଇବା ମୁସ୍କିଲ ହୋଇଗଲାଣି। ମହିଳା ଜଣକ ଧରାପଡିବା ଖବର ପାଇବା ପରେ ଆହୁରି ଅନେକ ଲୋକ ଥାନାକୁ ଆସି ଅଭିଯୋଗ କରିବାରେ ଲାଗିଛନ୍ତି। ପୋଲିସ ମାମଲାର ତଦନ୍ତ ଜାରି ରଖିଛି।

# ଗୁଜୁରାଟ ଗସ୍ତରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

**ବାଲେଶ୍ୱର, ୮ ।୭ :** ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବର୍ତ୍ତମାନ ଗୁଜୁରାଟ ଗସ୍ତରେ ଅଛନ୍ତି। ଏହି ଅବସରରେ ଆଜି ଗୁଜୁରାଟର ରାଜଧାନୀ ଆହମଦାବାଦରେ ଆୟୋଜିତ ସଂସଦୀୟ ଲୋକ ଉଦ୍ୟୋଗ ସମିତିର ବୈଠକରେ ସେ ଯୋଗଦେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHAI), ପାୱାର ଫାଇନାନ୍ସ କର୍ପୋରେସନ (PFC) ଏବଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (BPCL)ର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଫଳପ୍ରଦ ଆଲୋଚନା କରିଥିଲେ ।ବୈଠକରେ ଉକ୍ତ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା, ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଓ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଦେଶର ଭିତ୍ତିଭୂମି ବିକାଶକୁ ଅଧିକ ସୁଦୃଢ଼ କରିବା, ସଂସ୍ଥାଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାୟୀ ଓ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଗୁଜୁରାଟ ଗସ୍ତ ସମୟରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଐତିହାସିକ ସାବରମତୀ ଆଶ୍ରମ ପରିଦର୍ଶନ କରି ମହାତ୍ମା ଗାନ୍ଧୀଙ୍କ ସ୍ମୃତିବିଜଡ଼ିତ ସ୍ଥାନଗୁଡ଼ିକ ବୁଲି ଦେଖିଥିଲେ।

# ରହସ୍ୟମୟ ମୃତ୍ୟୁକୁ ନେଇ ଅଭିଯୋଗ ଆଣିଲେ ପରିବାର

## ନିରପେକ୍ଷ ତଦନ୍ତ ଦାବି

**ଜଗତସିଂହପୁର,୮ ।୭ :** ଜଗତସିଂହପୁର ଜିଲ୍ଲାରେ ଜଣେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜଗତସିଂହପୁର ଥାନା ଅନ୍ତର୍ଗତ ମଧୁସୂଦନ ଶାସନ ପଞ୍ଚାୟତର କେଣ୍ଡାଳ ଗ୍ରାମର ଚନ୍ଦ୍ରହାଶ ନାଥଙ୍କ ପୁଅ ସଚୀନ ନାଥଙ୍କ ଗତକାଲି ଦିନ ପ୍ରାୟ ୨ଟା ସମୟରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ



ତାଙ୍କୁ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ତିର୍ତ୍ତୋଲ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ମୃତକଙ୍କ ବାପା, ମା, ପିଉସୀ ଓ ଦୁଇ ଭାଇ ଅଭିଯୋଗ କରିଛନ୍ତି ଯେ, ସଚୀନଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ଓ ଖଣ୍ଡିଆ ଦାଗ ଥିବାରୁ ଏହା ସାଧାରଣ ମୃତ୍ୟୁ କିମ୍ବା ଆତ୍ମହତ୍ୟା ନୁହେଁ; ବରଂ ଏକ ସୁପରିକଳ୍ପିତ ହତ୍ୟା ହୋଇଥିବା ସନ୍ଦେହ ସେମାନେ ପ୍ରକାଶ କରିଛନ୍ତି। ପରିବାର ସଦସ୍ୟମାନେ ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ସହ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏପଟେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ଅଗ୍ରଗତି ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ତେବେ ରହସ୍ୟମୟ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ନାନା ଚର୍ଚ୍ଚା ଲାଗି ରହିଛି।

# ବାରିପଦାରୁ ଆରମ୍ଭ ହେବ ଯୁବ ବିଜେଡିର 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'

**ବାରିପଦା,୮ ।୭ :** ରାଜ୍ୟରେ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବିବାଦ ଜାରି ଥିବା ପରିପ୍ରେକ୍ଷୀରେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିଜେପି ସରକାରର ଷଡ଼ଯନ୍ତ୍ର ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ ପାଇଁ ଯୁବ ବିଜେଡି ପକ୍ଷରୁ ଆସନ୍ତାକାଲି(ଗୁରୁବାର) ଠାରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ' ଆରମ୍ଭ ହେବାକୁ ଯାଉଛି। ଏହି ଆନ୍ଦୋଳନ ଜୁଲାଇ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସାରା ଚାଲିବ। ପ୍ରଥମ ଦିନରେ ବାରିପଦାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ନୂତନ ପାଠ୍ୟପୁସ୍ତକରେ ବହୁ ତ୍ରୁଟି ଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି ବୋଲି ଯୁବ ବିଜେଡି ଅଭିଯୋଗ କରିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ନୂତନ ନିର୍ଭୁଲ ଓ ମାନସମ୍ମତ ପାଠ୍ୟପୁସ୍ତକ ଯୋଗାଣ, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ । ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ ଓ ସଭାନେତ୍ରୀ ଇପ୍ସିତା ସାହୁ ଉଭୟେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଯୁବଛାତ୍ର ବିଜେଡି କର୍ମକର୍ତ୍ତାମାନେ ବ୍ୟାପକ ସଂଖ୍ୟାରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ଚିଙ୍ଗୁଡ଼ି ଝିଲରେ କାମ କରୁଥିବା ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

**ବସ୍ତା,୮ ।୭ :** କଠାଶଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ପାକମୁଢ଼ି ଗ୍ରାମରେ ଥିବା ବେଆଇନ ଚିଙ୍ଗୁଡ଼ି ଝିଲରେ ବୁଧବାର ପୂର୍ବାହ୍ନ ଦଶ ଘଟିକା ସମୟରେ ଏକ ଯୁବକଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର,ବିଶୋୟୀ ବ୍ଲକର କାଶୀପେଣ୍ଠ ଗ୍ରାମର ଗଙ୍ଗାଧର ନାୟକ (୪୧)। ଚିଙ୍ଗୁଡ଼ି ଝିଲର ମାଲିକ ଶ୍ରୀ ପାତ୍ର ଘଟଣା ବାବଦରେ ପୋଲିସକୁ ନ ଜଣାଇ ମୃତ ଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମର୍ଟମ କରାଇବାକୁ ନେଇଯିବେ କହି ମୃତ ଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆଣି ଥିଲେ। ଏପଟେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ଖବର ପାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତ ଦେହକୁ ଏଣେ ତେଣେ ଖୋଜାଖୋଜି କରି ନ ପାଇ ପୋଲିସ କଣ୍ଟ୍ରୋଲ ରୋମକୁ ଏ ବାବଦରେ ଜଣାଇଥିଲେ ।ପୋଲିସ କଣ୍ଟ୍ରୋଲ ରୋମକୁ ଜଣାଇବା ପରେ ଝିଲ ମାଲିକ ଶ୍ରୀ ପାତ୍ର ଅପରାହ୍ନ ପାଞ୍ଚଟା ସମୟରେ ବସ୍ତାରୁ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହକୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପରେ ଫାଣ୍ଡି ଅଧିକାରୀ ଶ୍ରୀ ବେଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ ଦେହ ଜବତ କରିଛନ୍ତି ।ଆସନ୍ତା କାଲି ଶବ ବ୍ୟବଛେଦନ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି ।ପ୍ରକାଶ ଥାଉକି ଉକ୍ତ ଯୁବକ ଜଣକ ଆଜି ହିଁ ଶ୍ରୀନିବାସର ଚିଙ୍ଗୁଡ଼ି ଝିଲରେ କାମରେ ଯୋଗ ଦେଇଥିଲା ।ମାତ୍ର କିଛି ଘଣ୍ଟା ପରେ ତାର ମୃତ୍ୟୁ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ତେବେ ତଦନ୍ତ ପରେ ମୃତ୍ୟୁ ର ସତ୍ୟା ସତ୍ୟ ଜଣା ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଏଲଏନ ସ୍ନାତକ ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବେଗୁନିଆପଡା,୮ ।୭ :** କୋଦଳା ଏନଏସି ସ୍ଥିତ ଏଲଏନ ସ୍ନାତକ ମହାବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦଘାଟିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଶ୍ରୀ ରଘୁନାଥ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶ୍ରେଣୀ ଗୃହର ଉଦଘାଟନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ଶ୍ରୀ ପ୍ରତାପ ନାୟକ ଙ୍କ ସମେତ ସମ୍ମାନିତ ଅତିଥି ଭାବେ କୋଦଳା ନଗରପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ନାୟକ ଯୋଗଦେଇ ଅନୁଷ୍ଠାନିକ ଭାବେ ଶ୍ରେଣୀଗୃହକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଉତ୍ତମ ଭବିଷ୍ୟତ

ଗଠନ ନିମନ୍ତେ ଯେପରି ଶୈକ୍ଷିକ ବାତାବରଣ ମଧ୍ୟରେ ପାଠ ପଢା ହୋଇ ପାରିବ ସେନେଇ ମତ ରଖିଥିଲେ ଉପସ୍ଥିତ ଅତିଥି । ଏକ କୋଟି ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅତିରିକ୍ତ ଶ୍ରେଣୀ ଗୃହ କୁ ସମସ୍ତ ଜନ ପ୍ରତିନିଧି ବୁଲି ଦେଖିବା ସହିତ ଖେଳ ପଡିଆ, ବାଉଣ୍ଡାରୀ ୱାଲ ତଥା ପାନୀୟ ଜଳ ଭଳି ସୁବିଧା ଖୁବ ଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଉଭୟ ସାଂସଦ ଏବଂ ବିଧାୟକ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବେଗୁନିଆପଡା ବ୍ଲକ ବିଡ଼ିଓ ସୁନୀଲ କୁମାର ସାମନ୍ତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପାଠ ଅଧ୍ୟୟନ ନିମନ୍ତେ ଉତ୍ସାହିତ କରିଥିଲେ । ପ୍ରାରମ୍ଭିକ ସଂଗୀତ ପରିବେଷଣ କରି ଅତିଥି ମାନଙ୍କ ମନମୁଗ୍ଧ କରିଥିଲେ ଏହି ବିଦ୍ୟାଳୟର ଛାତ୍ରୀ । ପରିଶେଷରେ ଏନସିସି କ୍ୟାଡ଼େଟ ତଥା ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଶେଖ ହମିଦ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

## ଆଇନ-ଶୃଙ୍ଖଳା ନେଇ ସଦର କଂଗ୍ରେସର ଉଦ୍‌ବେଗ

**ବାଲେଶ୍ୱର,୮ ।୭ :** ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଇନ-ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଥିବା ଅଭିଯୋଗ କରିଛି ସଦର କଂଗ୍ରେସ। ବ୍ରାଉନ ସୁଗାର କାରବାରଠାରୁ ଆରମ୍ଭ କରି ସୁପାରୀ କିଲିଂ ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପ ବଢୁଥିବା ବେଳେ ଜିଲ୍ଲା ପୋଲିସ ପ୍ରଶାସନ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ

ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ଉପସଭାପତି ତଥା ଯୁବନେତା ସରୋଜ କୁମାର ଲେଙ୍କା କହିଥିଲେ ଯେ, ଗତ ଜୁନ୍ ୨୫ ତାରିଖରେ ଅରଡ଼ ବଜାରରେ ବ୍ୟବସାୟୀ ଶେଖ ହମିଦଙ୍କୁ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ସର୍ବସାଧାରଣଙ୍କ ସମ୍ମୁଖରେ ଗୁଳି କରି ହତ୍ୟା କରିଥିଲେ। ଘଟଣାର ୧୩ ଦିନ ବିତିଯାଇଥିଲେ ମଧ୍ୟ ଚାରିଟି ପୋଲିସ ଟିମ୍ ଗଠନ ସତ୍ତ୍ୱେ ହତ୍ୟାକାରୀ କିମ୍ବା ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରାଯାଇନାହିଁ। ଏହା ଫଳରେ ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରତି ଆସ୍ଥା କମିଯାଇଛି ବୋଲି ସେ କହିଥିଲେ ।ସେ ଆହୁରି କହିଥିଲେ ଯେ, ହତ୍ୟା ପଛର କାରଣ ସମ୍ପର୍କରେ ମଧ୍ୟ ପୋଲିସ ସ୍ପଷ୍ଟ ସୂଚନା ଦେଇପାରିନାହିଁ। ତେଣୁ ଶେଖ ହମିଦଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଥିଲେ ।ଏହି ଅବସରରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା କହିଥିଲେ ଯେ, ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଚାରିଟି ପୋଲିସ ଟିମ୍ ଗଠନ ହୋଇଥିଲେ ମଧ୍ୟ ତଦନ୍ତରେ ଆଶାନୁରୂପ ସଫଳତା ମିଳିନାହିଁ। ଶେଖ ହମିଦଙ୍କ ପରିବାର ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନଥିବା ସେ କହିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati